# ରାୟଗଡ଼ା ରେଳ ଡିଭିଜନକୁ ଉପେକ୍ଷା

ରାୟଗଡ଼ା,୨୬।୧୧(ଆଶିଷ ରଞ୍ଜନ ପଣ୍ଡା)




■ଦକ୍ଷିଣତଟ ରେଳ ଜୋନ୍ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ
■ ଡିଭିଜନ ଘୋଷଣା କେବଳ ନାମକୁ ମାତ୍ର: ବିଧାୟକ

ଆସନ୍ତା ୨୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦକ୍ଷିଣତଟ ରେଳ ଜୋନ୍ ପାଇଁ ବିଶାଖାପାଟଣାଠାରେ ଶିଳାନ୍ୟାସ କରିବେ। ହେଲେ ରାୟଗଡ଼ା ରେଳ ଡିଭିଜନକୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ୨୦୧୯ରେ ତତ୍କାଳୀନ ରେଳମନ୍ତ୍ରୀ ରାୟଗଡ଼ା ରେଳ ଡିଭିଜନ ସମେତ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଦକ୍ଷିଣତଟ ରେଳ ଜୋନ୍ ପ୍ରତିଷ୍ଠା ପାଇଁ ଘୋଷଣା କରିଥିଲେ। ଏହାରି ମଧ୍ୟରେ ଦକ୍ଷିଣତଟ ରେଳ ଜୋନ୍ ପାଇଁ ବିଶାଖାପାଟଣାଠାରେ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବାକୁ କାର୍ଯ୍ୟକ୍ରମ ଥିବାବେଳେ ରାୟଗଡ଼ା ଡିଭିଜନ ନିର୍ମାଣ ହେବା ତ ଦୂରର କଥା ଡିଭିଜନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇପାରିଲାନାହିଁ ବୋଲି ଅଭିଯୋଗ ହୋଇଛି। ଏହି ରେଳ ଡିଭିଜନ ବର୍ତ୍ତମାନ ସ୍ୱପ୍ନରେ ରହିଯାଇଛି। ରେଳମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ମଧ୍ୟ ଏହି ରେଳ ଡିଭିଜନ ଘୋଷଣା ଅବିଭକ୍ତ କୋରାପୁଟ ଓ ଅବିଭକ୍ତ କଳାହାଣ୍ଡି ଜିଲା ପାଇଁ ଲଲିପପ୍ ସଦୃଶ ହୋଇଛି। ତେବେ ଓଡ଼ିଶାରେ ଏବେ ଭାଜପା ସରକାର ଗଠନ କରିଥିଲେ ମଧ୍ୟ କାହିଁକି ଏତେ ଉପେକ୍ଷା କରାଯାଉଛି ସେ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି ।

ପ୍ରକାଶ ଥାଉକି, ରାୟଗଡ଼ା ରେଳ ଡିଭିଜନ ପାଇଁ ଗତ ଅଗଷ୍ଟ ୨୪ରେ ଟେଣ୍ଡର ଆହ୍ୱାନ ହୋଇ ସେପ୍ଟେମ୍ବର ୨୪ରେ ଟେଣ୍ଡର ଶେଷ ହୋଇଥିଲା। ୧୦୮ କୋଟି ଟଙ୍କା ବ୍ୟୟରେ ପ୍ରଥମ ପର୍ଯ୍ୟାୟରେ ଖର୍ଚ୍ଚ ଆକଳନ କରି ଟେଣ୍ଡର ଆହ୍ୱାନ ହୋଇଛି। ଉକ୍ତ ଟେଣ୍ଡରରେ ୧୩ଟି ଠିକା ସଂସ୍ଥା ଟେକ୍ନିକାଲ ବିଡ୍‌ରେ ଯୋଗ୍ୟ ବିବେଚିତ ହୋଇଛନ୍ତି । ତେବେ ଫାଇନାନ୍ସିଆଲ ବିଡ୍ କରା ନ ଯାଇ ଏଥିରେ ବିଳମ୍ବ ହେଉଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଜାଣିଶୁଣି ପ୍ରକଳ୍ପକୁ ବିଳମ୍ବ କରାଯାଉଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ବାରମ୍ବାର ଆନ୍ଧ୍ରପ୍ରଦେଶ ସରକାରଙ୍କ ଚାପ ଆଗରେ କେନ୍ଦ୍ର ସରକାର ମୁଣ୍ଡ ନୁଆଁଇଥିବା ରାଜନୈତିକ ମହଲରେ ଅଭିଯୋଗ କରାଯାଇଛି । ବିଶାଖାପାଟଣାରେ ଦକ୍ଷିଣତଟ ରେଳ ଜୋନ୍ ଗଠନ ପୂର୍ବରୁ ରାୟଗଡ଼ାରେ ଯଦି ଡିଭିଜନ ନିର୍ମାଣ ଆରମ୍ଭ ହୁଏ, ତେବେ ବିଶାଖାପାଟଣା ରେଳ ଡିଭିଜନର ଗୁରୁତ୍ୱ ହ୍ରାସ ପାଇବ । ବିଶାଖାପାଟଣା ରେଳ ଡିଭିଜନ ଅଧୀନରେ ଓଡ଼ିଶାର ୨୫୫ କି.ମି. ରେଳପଥ ରହିଛି। ରାୟଗଡ଼ା ରେଳ ଡିଭିଜନ ହେଲେ ତାହା ରାୟଗଡ଼ା ଅଧୀନକୁ ଚାଲି ଆସିବ। ରାୟଗଡ଼ା ସମେତ ଗଜପତି, କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଓ ନୂଆପଡ଼ା ଜିଲାର ସମସ୍ତ ରେଳପଥ ଓ ରେଳ ଷ୍ଟେଶନ ରାୟଗଡ଼ା ଡିଭିଜନ ଅଧୀନରେ ରହିବ ବୋଲି ଯୋଜନା ହୋଇଛି । ତେବେ ପୂର୍ବରୁ ଓଡ଼ିଶାରେ ଭାଜପା ସରକାର ନ ଥିବା ସମୟରେ ଡିଭିଜନ ନିର୍ମାଣ ପ୍ରସଙ୍ଗକୁ ନେଇ ତତ୍କାଳୀନ ରାଜ୍ୟ ସରକାରଙ୍କୁ ନିନ୍ଦା କରୁଥିଲା । ଏବେ ରାଜ୍ୟରେ ଭାଜପା ସରକାର ରହିଥିବା ବେଳେ ରାୟଗଡ଼ା ରେଳ ଡିଭିଜନ ପ୍ରସଙ୍ଗ ଉଠାଉ ନ ଥିବା ଦେଖିବାକୁ ମିଳିଛି। କାରଣ କୋରାପୁଟ ଲୋକସଭା ଓ ଏହା ଅଧୀନ ୬ଟି ବିଧାନସଭା ଆସନ କଂଗ୍ରେସ ଦଳ ଅଧୀନରେ ରହିଥିବାରୁ ରାୟଗଡ଼ା ରେଳ ଡିଭିଜନକୁ ଅଣଦେଖା କରାଯାଉଥିବା ନେଇ ସାଧାରଣରେ ଆଲୋଚନା ଚାଲିଛି। ତେଣୁ କେନ୍ଦ୍ର ସରକାର ରାୟଗଡ଼ା ଭଳି ଏକ ଅନୁସୂଚିତ ଅଞ୍ଚଳରେ ଯେଉଁ ରେଳ ଡିଭିଜନ ସ୍ଥାପନା ପାଇଁ ଘୋଷଣା କରିଛନ୍ତି ତାହା ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଛି। ଏନେଇ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା କହିଛନ୍ତି, ଡିଭିଜନ ଘୋଷଣା କେବଳ ନାମକୁ ମାତ୍ର ହୋଇଛି। ନିର୍ବାଚନ ବୈତରଣୀ ପାରିହେବା ପାଇଁ ଭାଜପା ଏଭଳି କରିଛି । ପୂର୍ବରୁ ବିରୋଧୀ ଦଳରେ ଥିବା ବେଳେ ଯାହା ଏବେ ଉଭୟ ରାଜ୍ୟ ଓ କେନ୍ଦ୍ରରେ ସରକାର ରହି ମଧ୍ୟ ତାହା ବୋଲି କହିଛନ୍ତି ବିଧାୟକ କାଡ୍ରାକା ।

## ଶିଶୁ ସୁରକ୍ଷା ବିଭାଗର ୩ କର୍ମଚାରୀ ବହିଷ୍କୃତ

ରାୟଗଡ଼ା,୨୬।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଶିଶୁ ସୁରକ୍ଷା ବିଭାଗର ୩ ଜଣ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ସେମାନଙ୍କ ନାମରେ ରହିଥିବା ଅଭିଯୋଗ ତଦନ୍ତ ପରେ ଜିଲାପାଳ ପାରୁଲ ପଟୱାରି ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ବହିଷ୍କାର ହୋଇଥିବା ୩ କର୍ମଚାରୀ ହେଲେ ସୁରକ୍ଷା ଅଧିକାରୀ ପ୍ରତାପ ଦାଶ, ଡାଟା ଆନାଲିଷ୍ଟ ଦୀପକ ପାଢ଼ୀ ଓ ସାମାଜିକ କର୍ମୀ ସତ୍ୟପ୍ରିୟା ପ୍ରଧାନ। ୩ଜଣଙ୍କୁ ବହିଷ୍କାର କରାଯିବା ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ ସୂଚନା ଦେଇଛନ୍ତି। ବହିଷ୍କୃତ କର୍ମଚାରୀଙ୍କ ନାମରେ ବିଭିନ୍ନ ଅଭିଯୋଗ ରହିଥିଲା।

## ମିଳିତ ଟ୍ରେଡ୍ ୟୁନିୟନର ଚେତାବନୀ ସମାବେଶ




ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାୟଗଡ଼ା,୨୬।୧୧(ଆଶିଷ ରଞ୍ଜନ ପଣ୍ଡା)

ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ତରଫରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଚେତାବନୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। ଏହି ଅବସରରେ ୨୧ ଦଫା ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ପ୍ରଦାନ କରିଥିଲେ। ସମସ୍ତ ଫସଲ ପାଇଁ ଆଇନଗତ ଭାବେ ନିଶ୍ଚିତ କ୍ରୟ ସହିତ ଉତ୍ପାଦନ ନିମନ୍ତେ ଖର୍ଚ୍ଚ ହୋଇଥିବା ସମୁଦାୟ ମୂଲ୍ୟ ସହ ସେହି ମୂଲ୍ୟର ୫୦ ପ୍ରତିଶତକୁ ମିଶାଇ ନ୍ୟୂନତମ ସହାୟକ ମୂଲ୍ୟ ପ୍ରଦାନ। ୪ଟି ଶ୍ରମ କୋଡ୍ ଉଚ୍ଛେଦ କରିବା ଓ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଏବଂ ଆଉଟସୋର୍ସିଂ ନିଯୁକ୍ତି ବନ୍ଦ ସହ ଦରବୃଦ୍ଧିକୁ ତୁରନ୍ତ ରୋକାଯାଉ। ସାର୍ବଜନୀନ ବଣ୍ଟନ ବ୍ୟବସ୍ଥାକୁ ମଜଭୁତ କରିବା ପ୍ରମୁଖ ଦାବି ରହିଛି। ଏହି ସମାବେଶରେ ଅଖିଳ ଭାରତ କୃଷକ ମହାସଭା ରାଜ୍ୟ ସଭାପତି ଅନାସିମ ଶବର, ଅଖିଳ ଭାରତ କ୍ଷେତ ମଜଦୁର ସଂଘ ରାଜ୍ୟ ସଭାପତି ଭାଲ ଚନ୍ଦ୍ର ଷଡ଼ଙ୍ଗୀ, ଆଇଏନ୍‌ଟିୟୁସି ଜିଲା ସଭାପତି ଭବାନୀ ଶଙ୍କର ଜେନା, ସିପିଆଇଏମ୍ଏଲ୍ ସଭାପତି ତିରୁପତି ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନସେବା ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ଦିବସ



ରାୟଗଡ଼ା,୨୬।୧୧(ଆଶିଷ ରଞ୍ଜନ ପଣ୍ଡା)

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମଙ୍ଗଳବାର ସିଭିଲ କୋର୍ଟ ପରିସରରେ ଭାରତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପରିବାର ଅଦାଲତ ବିଚାରପତି ସଞ୍ଜିତ କୁମାର ବେହେରା, ଅତିରିକ୍ତ ଜିଲା ଦୌରାଜଜ୍ ଅଳ୍ପନା ସ୍ୱାଇଁ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅପର୍ଣ୍ଣା ମହାପାତ୍ର, ସବ୍ ଜଜ୍ ଆଶିଷ ପଟ୍ଟନାୟକ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ, ରେଜିଷ୍ଟ୍ରାର ସୌମ୍ୟରୂପ ସାହୁ, ମହିଳା କୋର୍ଟ ବିଚାରପତି ସସ୍ମିତା ମିଶ୍ର, ଗ୍ରାମ୍ୟ ନ୍ୟାୟାଧିକାରୀ ଜ୍ୟୋତିର୍ମୟୀ ଷଡଙ୍ଗୀ, ରାୟଗଡା ବାର୍ ଆସୋସିଏଶନ ଆଇନଜୀବୀ ଓ କୋର୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଉପସ୍ଥିତ ଥିବା ସମସ୍ତ ଅତିଥି ଏବଂ ଅନ୍ୟମାନେ ସମ୍ବିଧାନର ଉଦ୍ଦେଶିକା ପାଠ କରିଥିଲେ। ଶେଷରେ ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ସ୍ଥାନୀୟ ଭି.ସି. ହଲ୍ ପରିସରରେ ମୌଳିକ କର୍ତ୍ତବ୍ୟ ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ସମ୍ବିଧାନ ଦିବସ ପାଳିଲା ଜିଲା କଂଗ୍ରେସ



ରାୟଗଡ଼ା,୨୬।୧୧(ଆଶିଷ ରଞ୍ଜନ ପଣ୍ଡା)

ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ଭାରତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଜିଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବିଧାନ ଓ ଏହାର ଉଦ୍ଦେଶ୍ୟ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବକଂଗ୍ରେସ ସଭାପତି ମୋହନ ନାଏକ, ଜିଲା ପରିଷଦ ସଭ୍ୟା ପଦ୍ମାବତୀ ମାଣ୍ଡାଙ୍ଗି, ମିରାବାଲି ସରପଞ୍ଚ ଅଶୋକ ପୁଆଲା, କାଉନସିଲର ରାଜୀବ ଖୋସଲା, ପାର୍ଥ ବର୍ଦ୍ଧନ, ସତ୍ୟବାନ ମାଣ୍ଡାଙ୍ଗି ଓ ସୟଦ ଜିନଉଲ ହକ୍‌ଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

**ସଂକ୍ଷେପରେ**

## ୨୦ କି.ଗ୍ରା. ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡା, ୨୬।୧୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାରୁ ରାଉରକେଲା ଗଞ୍ଜେଇ ଚୋରା ଚାଲାଣ ବେଳେ ରାୟଗଡ଼ା ରେଳ ଷ୍ଟେଶନ ନିକଟରୁ ଜିଆର୍‌ପି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କଠାରୁ ୨୦ କିଲୋ ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାରର ରୋହିତ କୁମାର। ଏହି ଚଢ଼ାଉରେ ବିଜୟ କୁମାର ବେକ, ଏ. କେ. ନାୟକ, ମାଣିକ ଗୌଡ଼,ଏମ୍. ଶର୍ମା ପ୍ରମୁଖ ସାମିଲ ଥିଲେ। କୈଳାସ ଚନ୍ଦ୍ର ସ୍ୱାଇଁ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିଲେ।

## ଚଇତି ଆର୍ଥିକ ସବ୍ କମିଟି ବୈଠକ



ରାୟଗଡ଼ା,୨୬।୧୧(ଆଶିଷ ରଞ୍ଜନ ପଣ୍ଡା)

ଜିଲାର ଲୋକ ମହୋତ୍ସବ ଚଇତି – ୨୦୨୪ ପାଳନ ପରିପ୍ରେକ୍ଷୀରେ ଆର୍ଥିକ ସବ୍-କମିଟି ଅଧ୍ୟକ୍ଷ ତଥା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନୀହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଟି ସହ ଅଧ୍ୟକ୍ଷ ତଥା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଜିଲା ପରିଷଦ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ଡିଆଇପିଆରଓ ବସନ୍ତ କୁମାର ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଚଇତି ମହୋତ୍ସବ ପାଇଁ କିଭଳି ଅଧିକ ଆର୍ଥିକ ସହାୟତା ଆସିପାରିବ ସେନେଇ ସମସ୍ତେ ମତାମତ ଦେଇଥିଲେ । ବୈଠକରେ ସିଡିଓ କହଁର ପୂର୍ବ ବର୍ଷର ଆର୍ଥିକ ଆଦାୟ ଓ ଖର୍ଚ୍ଚ ସମ୍ବନ୍ଧରେ ସୂଚନା ଦେଇଥିଲେ ।

## କୁମ୍ଭାରଶାଳ, ସ୍କୁଲ ପରିଦର୍ଶନକଲେ ଜିଲାପାଳ



ବିର୍ସାସ୍ଥିତ କୁମ୍ଭାରଶାଳାରେ ଜିଲାପାଳ ଏସ୍ଏଚ୍‌ଜି ମହିଳାଙ୍କ ସହ ଆଲୋଚନା କରୁଛନ୍ତି।

ଗୁଡାରି, ୨୬।୧୧ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲାପାଳ ପାରୁଲ ପଟୱାରି ମଙ୍ଗଳବାର ଗୁଡାରି ଗସ୍ତକରି ବିଭିନ୍ନ ସ୍କୁଲ ଓ କୁମ୍ଭାରଶାଳ ପରିଦର୍ଶନ କରିଛନ୍ତି। ଜିଲାପାଳ ପଟୱାରି ପ୍ରଥମେ ଗୁଡାରି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଡିଓ ଅନୀଶା ଦାସ ତାଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟାଳୟରେ କିଛି ସମୟ ଆଲୋଚନା ପରେ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସରକାରୀ ଏସ୍ଏସ୍‌ଡି ବାଳିକା ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ଜିଲାପାଳ ସାନହୁମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିର୍ସା ଗ୍ରାମରେ ସ୍ଥାନୀୟ ଏସ୍ଏଚ୍‌ଜି ମହିଳାଙ୍କ କୁମ୍ଭାରଶାଳା ପରିଦର୍ଶନ କରିବା ସହ ମହିଳାଙ୍କ ସହ ଏହି ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ସଦସ୍ୟାମାନେ କୁମ୍ଭାରଶାଳା ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିଥିଲେ। ସ୍ଥାୟୀ କୁମ୍ଭାରଶାଳା ଯୋଗାଇଦେବା ପାଇଁ ଜିଲାପାଳ ପଟୱାରି ସେମାନଙ୍କୁ କହିଥିଲେ। ଜିଲାପାଳ ସେଠାରେ କିଛି ସମୟ ରହି କିପରି ମାଟିହାଣ୍ଡି ଓ ଅନ୍ୟାନ୍ୟ ମାଟିଦ୍ରବ୍ୟ ତିଆରି କରାଯାଉଛି ଦେଖିଥିଲେ। ସେଠାରୁ ସେ କିନିଡ଼ି ବିଦ୍ୟାଳୟକୁ ଯାଇ ଶ୍ରେଣୀଗୃହରେ ପିଲାଙ୍କ ସହ ବସି ପାଠ ସମ୍ପର୍କରେ ପଚାରି ବୁଝିଥିଲେ। ରୋଷେଇଗୃହକୁ ଯାଇ ରନ୍ଧାହୋଇଥିବା ମଧ୍ୟାହ୍ନଭୋଜନ ଦେଖିଥିଲେ। ଏହି ବିଦ୍ୟାଳୟରେ କାର୍ଯ୍ୟରତ ୩ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ଥିଲେ ଏବଂ ଶିକ୍ଷୟିତ୍ରୀ ଜଣଙ୍କ ଛୁଟିରେ ଥିବା ଅନ୍ୟ ଶିକ୍ଷକ ଜିଲାପାଳଙ୍କୁ କହିଥିଲେ। ପରେ ଜିଲାପାଳ ଜଳନିଧିସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀନିବାସ ବୁଲି ଦେଖିଥିଲେ ଏବଂ ସେଠାରେ ଆବଶ୍ୟକ ଅନୁଯାୟୀ ଖଟ ଆଣିବାକୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କହିଥିଲେ। ରୋଷେଇଗୃହକୁ ଯାଇ ସମସ୍ତ ରନ୍ଧନଖାଦ୍ୟ ଦେଖିଥିଲେ। ଶେଷରେ ଗୁଡାରିସ୍ଥିତ ବଂଶଧାରା ନଦୀ ତଟର ପୁଷ୍କରଘାଟ ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ବିଡିଓ ଅନୀଶା ଦାସ, ବିଇଓ ରତ୍ନମୟୀ ପୁରୋହିତ, ସହକାରୀ ଯନ୍ତ୍ରୀ ସସ୍ମିତା ଶବର, କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସ୍ମାର୍ଟ ମିଟର ପ୍ରତ୍ୟାହାର, ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦାବି

ରାୟଗଡ଼ା,୨୬।୧୧(ଆଶିଷ ରଞ୍ଜନ ପଣ୍ଡା)

ସ୍ମାର୍ଟ ମିଟରକୁ ବିରୋଧ ଓ ୩୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ନିରବଚ୍ଛିନ୍ନ ଭାବରେ ଯୋଗାଇବା ଦାବିରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ୫ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ସେ ଜିଲାପାଳ ପାରୁଲ ପଟୱାରିଙ୍କୁ ଅବଗତ କରାଇବେ ବୋଲି ଅତିରିକ୍ତ ଜିଲାପାଳ ରଇତ କହିଛନ୍ତି। ପ୍ରକାଶ ଥାଉକି, ଚଳିତ ନିର୍ବାଚନ ପୂର୍ବରୁ ରାଜ୍ୟରେ ଭାଜପା ସରକାର ଗଠନକଲେ ରାଜ୍ୟବାସୀଙ୍କୁ ମାଗଣା ୩୦୦ ୟୁନିଟ୍ ବିଦ୍ୟୁତ୍ ଯୋଗାଇ ଦେବ ବୋଲି




କହିଥିଲା । ହେଲେ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇନାହିଁ । ତେଣୁ ଏଥିପ୍ରତି ଗୁରୁତ୍ୱ ଦେଇ ମାଗଣା ୩୦୦ ୟୁନିଟ୍ ବିଜୁଳି ଯୋଗାଇଦେବା ସହିତ ସ୍ମାର୍ଟ ମିଟର ବ୍ୟବସ୍ଥା ପ୍ରତ୍ୟାହାର କରିବା, ୨୪ଘଣ୍ଟା ନିରବଚ୍ଛିନ୍ନ ବିଦ୍ୟୁତ ସେବା, ଠିକ୍ ବିଲ ପ୍ରଦାନ କରିବା ଓ ଲୋ-ଭୋଲ୍ଟେଜ ସମସ୍ୟା ଦୂରକରିବା ଉପରେ ଗୁରୁତ୍ୱାରୋପ କରିଛି ଆମ୍ ଆଦ୍‌ମୀ ପାର୍ଟି । ଦାବିପତ୍ର ପ୍ରଦାନ ବେଳେ ଦଳର ଜିଲା ଆବାହକ ଜନ୍ମେଜୟ ସ୍ୱାଇଁ, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ଟି.ସାଙ୍ଗନା, ଉପସଭାପତି ଜିତେନ୍ଦ୍ର ସେନାପତି, ବିଷମକଟକ ବିଧାନସଭା ସଭାପତି ରମେଶ ଚନ୍ଦ୍ର ପାତ୍ର, ସୁନ୍ଦର କାଡ୍ରାକା, ବିଜୁ ଖିଲାକା, ସନ୍ତୋଷ ପାଇକ ଓ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ କୋଠା ନିର୍ମାଣ ପାଇଁ ୩୨.୪୦ କୋଟି ମଞ୍ଜୁର

ଗୁଣପୁର,୨୬।୧୧ (ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାୟୀ କୋଠା ନିର୍ମାଣ ପାଇଁ କେନ୍ଦ୍ର ଶିକ୍ଷା ବିଭାଗ ପକ୍ଷରୁ ୩୨ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାନୀୟ ତହସିଲ ଅଫିସ ପାର୍ଶ୍ୱରେ ଥିବା ୮ ଏକର ଜମିରେ ଯୋଗାଇ ଦିଆଯିବା ପରେ ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଥିସହ ୯ ଜଣ କର୍ମଚାରୀଙ୍କ ପାଇଁ କୋଠା ଏବଂ ପାଚେରି ଆଦି ନିର୍ମାଣ ହେବ ବୋଲି ଜଣାପଡିଛି। ଏହି ନିର୍ମାଣ କାର୍ଯ୍ୟ ସକାଶେ ଟେଣ୍ଡର ପ୍ରକ୍ରିୟା ଅତିଶୀଘ୍ର ହେବ ବୋଲି ଖବର ମିଳିଛି। ସୂଚନା ଯୋଗ୍ୟ, ୨୦୧୯ରେ ଗୁଣପୁରଠାରେ ବେଲ ହଷ୍ଟେଲ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିଥିଲା। ଏହାର ସ୍ଥାୟୀ କୋଠା ନ ଥିବାରୁ ଅନେକ ସମୟରେ କୋଠା ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ଏପରିକି ଗତ କିଛି ମାସ ତଳେ ନବ ନିର୍ମାଣ ସମିତି ଅଧ୍ୟକ୍ଷ ଅକ୍ଷୟ ଦାସ,ସମ୍ପାଦକ ରଞ୍ଜିତ ପାଢ଼ୀ ଏବଂ ଆନ୍ଧ୍ର-ଓଡ଼ିଶା ରେଳ ବ୍ୟାବହାରିକ ସଂଘର ସମ୍ପାଦକ ଗଜେନ୍ଦ୍ର ପଣ୍ଡା ପ୍ରମୁଖ ଦିଲ୍ଲୀ ଯାଇ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଏ ନେଇ ଦାବିପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବାରୁ ଶିକ୍ଷାବିତ୍‌ଙ୍କ ସମେତ ସହରବାସୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତାଜଣାଇଛନ୍ତି।

## ଭାଷା, ସଂସ୍କୃତି, ଭାଇଚାରାକୁ ବଞ୍ଚାଇ ରଖୁଛି ଦିଆଲ



ଯୁବତୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

ରାୟଗଡା, ୨୬।୧୧ (ଭାଗ୍ୟଶ୍ରୀ ମିଶ୍ର)

**ଡମ ସମାଜର ଗଣପର୍ବ ଦିଆଲ**

ଜିଲା ଡମ ସମାଜ ସମାଜ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଜିସିଡି ଖେଳ ପଡିଆଠାରେ ଜିଲାସ୍ତରୀୟ ଦିଆଲ ପରବ ଭେଟଘାଟ ଅନୁଷ୍ଠିତ ହୋଇଛି । ଡମ ସମାଜର ଜିଲା ସଭାପତି ଧନୀରାମ ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜଳ ଛାୟା ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ.. ଯୋଗଦେଇ ପ୍ରଥମେ ସମ୍ବିଧାନ ପ୍ରଣେତାଙ୍କ ବିଷୟରେ ବକ୍ତବ୍ୟ ରଖିବା ସହ ସଭ୍ୟତା ସଂସ୍କୃତିକୁ ଉଜ୍ଜୀବିତ ରଖୁଛି ଦିଆଲ ପରବ ବୋଲି କହିଥିଲେ। ବକ୍ତା ଭାବେ ଅବସରପ୍ରାପ୍ତ ଡିଇଓ ରବୀନ୍ଦ୍ର ଖୋସଲା, ସମ୍ମାନିତ ଅତିଥି ଭାବେ ଉପେନ୍ଦ୍ର ନାୟକ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମୋହନ ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ । ସମାଜ ବନ୍ଧୁ କର୍ମକର୍ତ୍ତା ବସ୍‌ଷ୍ଟାଣ୍ଡଠାରେ ଥିବା ଡ. ବି.ଆର୍. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସନ୍ଧ୍ୟାରେ ଦିଆଲ ପରବ ଭେଟଘାଟ ଅବସରରେ ଆୟୋଜିତ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକିଥିଲା। ବିଭିନ୍ନ ବ୍ଲକ୍‌ରୁ ଡମ ସମ୍ପ୍ରଦାୟର ଯୁବତୀଯୁବକ ନିଜର ଆଞ୍ଚଳିକ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରିଥିଲେ। ଡମ ସମାଜର ପରମ୍ପରା ଅନୁଯାୟୀ ଘରର ପିତୃଲୋକଙ୍କୁ ମନେପକାଇବା ସହ ଭାଷା, ସଂସ୍କୃତି ଏବଂ ଭାଇଚାରାକୁ ବଞ୍ଚାଇ ରଖିବାକୁ ଦିଆଲ ପରବ ପାଳନ କରାଯାଉଥିବା ଜିଲା ଡମ ସମାଜ ସମ୍ପାଦକ ଜନାର୍ଦ୍ଦନ ଗରଡ଼ା କହିଛନ୍ତି । କାର୍ଯ୍ୟକ୍ରମରେ ୩୦ରୁ ଊର୍ଦ୍ଧ୍ୱ ନୃତ୍ୟ ପ୍ରଦର୍ଶନ କରାଯାଇଛି। ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସାମଗମ ହୋଇଥିଲା।

## ସମ୍ବିଧାନର ସୁରକ୍ଷା ନେଇ ଶପଥପାଠ

ରାୟଗଡା/ମୁନିଗୁଡ଼ା/ଗୁଣପୁର, ୨୬।୧୧ (ଭାଗ୍ୟଶ୍ରୀ ମିଶ୍ର/ ନନ୍ଦ କିଶୋର ପଟ୍ଟନାୟକ/ପ୍ରଦୀପ କୁମାର ପାଢ଼ୀ)

ନନ୍ଦ କିଶୋର ପଟ୍ଟନାୟକ/ପ୍ରଦୀପ କୁମାର ପାଢ଼ୀ)-ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୭୫ତମ ଭାରତୀୟ ସମ୍ବିଧାନ ଦିବସ କଲେଜ ଅଧ୍ୟକ୍ଷା ଡ. ବବିଲତା ସରଫଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳ ଅଧିବେଶନରେ ସମ୍ବିଧାନ ପ୍ରଣେତା ଡ. ବି. ଆର୍. ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣକରି ସମ୍ବିଧାନ ପ୍ରସ୍ତାବନାର ଶପଥପାଠ କରାଇଥିଲେ। ପରେ ସମ୍ବିଧାନ ଦିବସର ମୂଲ୍ୟବୋଧକୁ ଆଧାରକରି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ତତ୍‌ସହିତ ସମ୍ବିଧାନ ପ୍ରସ୍ତାବନା ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ ଲେଖାର ଫଟୋଚିତ୍ର ପ୍ରଦର୍ଶିତ ହୋଇଥିଲ। ଅପରାହ୍ନ ଅଧିବେଶନରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଏକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ପି. ଅରୁଣ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

ମୁନିଗୁଡ଼ାର ସ୍ନାତକ ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ରଜନୀକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟାପକ ବିରାଟ କିଶୋର ପଣ୍ଡା, ଅସିତ କୁମାର ମହାନ୍ତିଙ୍କ ସମେତ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ୍‌କ୍ରସ୍ ବାହିନୀର ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ସାମୂହିକ ଶପଥପାଠ କରାଇଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ସମ୍ବିଧାନ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର ଏବଂ ପ୍ରବନ୍ଧ ଲିଖନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ସେହିପରି ସ୍ଥାନୀୟ ଶୌଣ୍ଡିକ ମଙ୍ଗଳ ଭବନ ପରିସରରେ ମଣ୍ଡଳ ଭାଜପା ତରଫରୁ ସଭାପତି ଜଗା ଶବରଙ୍କ ଅଧ୍ୟକ୍ଷତା ଓ ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି ପଦ୍ମ ବେହେରାଙ୍କ ସଂଯୋଜନାରେ ସମ୍ବିଧାନ ଦିବସ ପାଳିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା ଓ ମୁଖ୍ୟବକ୍ତା ଭାବେ ଜଗନ୍ନାଥ ନୁଣ୍ଡୁକା, ଖବରଦାତା ସୀମାଞ୍ଚଳ ପଣ୍ଡା, ମନୋରଞ୍ଜନ ଦଳାଇ ପ୍ରମୁଖ ଉପସ୍ଥିତ ରହି ବାବା ସାହେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଡିଆ ସେଲ୍ ସଦସ୍ୟ ଧନୁକୁଣ୍ଡୁଳିଆ, ସୁବାସ ଗୌଡ଼, ଗରିବ ଗରଡ଼ିଆ, ଚୁନା କରକରିଆ, ଆଲିବାନ ବାଗ, ମୀନ ଗୌଡ଼, ସୁବାସ ସାହୁକାର ପ୍ରମୁଖ ଉପସ୍ଥିତ ଥିଲେ।

**ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ**

ସମ୍ବିଧାନ ଦିବସରେ ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ କୁଳପତି ଡ. ଏ.ଭି.ଏନ୍.ଏଲ୍. ଶର୍ମା ଛାତ୍ରୀଛାତ୍ରଙ୍କୁ ସମ୍ବିଧାନ ଉପରେ ଶପଥ ପାଠ କରାଇଥିଲେ। ଗୁଣପୁର କଲେଜରେ ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତି ପିଲାଙ୍କୁ ସମ୍ବିଧାନର ସୁରକ୍ଷା ନେଇ ଶପଥ ପାଠ କରାଇଥିଲେ। ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡା ମୁଖ୍ୟ ଅତଥି ଭାବେ ଯୋଗଦେଇ ସମ୍ବିଧାନର ପ୍ରମୁଖ ଆଧାର, ସିଦ୍ଧାନ୍ତ, ଲୋକଙ୍କ ନିମନ୍ତେ ପ୍ରଣିତ ଅଧିନିୟମ ଉପରେ ଆଲୋକପାତ କରିଥିଲେ। ଏଥିପାଇଁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଗାନ୍ଧୀ ପବ୍ଲିକ ସ୍କୁଲରେ ପାଳନ କରାଯିବା ସହ ସୁରକ୍ଷା ନେଇ ଶପଥପାଠ କରାଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ଜିଆଇଇଟି ବିଶ୍ୱବିଦ୍ୟାଳୟର ମହା ନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ବାର୍ତ୍ତା ମାଧ୍ୟମରେ ସମ୍ବିଧାନର ମୂଲ୍ୟବୋଧ ଉପରେ ପ୍ରେରିତ ହେବାକୁ କହିଥିଲେ।



ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶପଥପାଠ କରାଯାଉଛି।

## ସଂକ୍ଷେପରେ

### ଏନ୍‌କାଉଣ୍ଟରକୁ ବିରୋଧକରି ମାଓବାଦୀଙ୍କ ବନ୍ଦ ଡାକରା

ମାଲକାନଗିରି, ୨୬।୧୧ (ଦୁର୍ଯ୍ୟୋଧନ ପାତ୍ର)

କୋଷ୍ଟାଠାରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୧୦ ମାଓବାଦୀଙ୍କ ମୃତ୍ୟୁକୁ ନେଇ ମାଓବାଦୀ ସଂଗଠନ ତରଫରୁ ଆସନ୍ତା ୨୯ ତାରିଖରେ ସୁକ୍‌ମା ଜିଲା ବନ୍ଦ ଡାକରା ଦିଆଯାଇଛି। ସୂଚନା ଅନୁଯାୟୀ, ଗତ ୨୨ ତାରିଖରେ ଛତିଶଗଡର ସୁକ୍‌ମା ଜିଲା ଭେଜି ଥାନା ଅଞ୍ଚଳରେ ସୁରକ୍ଷାକର୍ମୀ ଗୁଳିରେ ୧୦ଜଣ ମାଓବାଦୀର ମୃତ୍ୟୁ ହୋଇଥିଲା। ଏହାକୁ ବିରୋଧରେ ମାଓବାଦୀ ସଂଗଠନର ଦକ୍ଷିଣ ବସ୍ତର ଡିଭିଜନାଲ କମିଟି ସଚିବ ଗଙ୍ଗା ଏକ ପ୍ରେସ୍ ବିବୃତି ଜାରି କରିଛନ୍ତି। ସୁରକ୍ଷାକର୍ମୀମାନେ ଏନ୍‌କାଉଣ୍ଟର ପରେ ଖୁସି ବ୍ୟକ୍ତ କରିଥିଲେ, କିନ୍ତୁ ମାଓବାଦୀ ସଙ୍ଗଠନପକ୍ଷରୁ ଏକ ପ୍ରେସ୍ ବିବୃତିରେ ଏହାକୁ ନିନ୍ଦା କରାଯାଇଛି। ସୁରକ୍ଷାକର୍ମୀ ଯେଉଁ ୧୦ ମାଓବାଦୀଙ୍କୁ ମାରିଛନ୍ତି ସେମାନଙ୍କ ମଧ୍ୟରୁ କେବଳ ୪ଜଣଙ୍କ ପାଖରେ ବନ୍ଧୁକ ଥିଲା ଅନ୍ୟ ୬ଜଣଙ୍କ ପାଖରେ ବନ୍ଧୁକ ନ ଥିଲା। ତା ପରେବି ସେମାନଙ୍କୁ ଧରି ସୁରକ୍ଷାକର୍ମୀମାନେ ହତ୍ୟା କରିଥିଲେ। ଏହାର ଉଚ୍ଚସ୍ତରୀୟ ଯାଞ୍ଚକରି ଏନ୍‌କାଉଣ୍ଟର ସତ୍ୟତାକୁ ସର୍ବ ସମ୍ମୁଖରେ ଆଣିବାବା ପାଇଁ ଏହି ପ୍ରେସ୍ ବିବୃତିରେ ଜଣାଇଛନ୍ତି।

### ଅବକାରୀ ବିଭାଗ, ପୋଲିସ ଦ୍ୱାରା ଗଞ୍ଜ ନଷ୍ଟ



ଚିତ୍ରକୋଣ୍ଡା, ୨୬।୧୧ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଯୋଡାମ୍ବ ପଞ୍ଚାୟତ ପଲାସପଦର ଗ୍ରାମ ନିକଟ ଜଙ୍ଗଲରେ ଜିଲା ଅବକାରୀ ବିଭାଗ ଓ ଯୋଡାମ୍ବ ପୋଲିସ ଚଢାଉକରିଛି। ପଲାସପଦର ଗ୍ରାମ ନିକଟ ଜଙ୍ଗଲରେ ପ୍ରାୟ ୧୫ ଏକର ଜମିରେ ଥିବା ମୋଟ ୨୨୫୦୦ ଗଂଜେଇ ଗଛ ନଷ୍ଟ କରି ଉକ୍ତ ଗଞ୍ଜେଇଗଛଗୁଡିକୁ ନିଆଁ ଲଗାଇ ପୋଡି ଦେଇଛନ୍ତି। ଏହି ଗଛଗୁଡିକର ଆନୁମାନିକ ମୂଲ୍ୟ ପ୍ରାୟ ୨ କୋଟି ୨୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ତରଫରୁ ସୂଚନା ଦିଆଯାଇଛି।

### ଝଞ୍ଜାବତୀ ନଦୀରେ ବୁଡ଼ି ଯୁବକ ମୃତ

କୋରାପୁଟ/ନାରାୟଣପାଟଣା, ୨୫।୧୧ (ଅମିତାଭ ବେହେରା/ରାଜକିଶୋର ଜେନା)

କୋରାପୁଟ ଜିଲାର ନାରାୟଣପାଟଣା ନିକଟ ଝଞ୍ଜାବତୀ ନଦୀରେ ବୁଡି ଜଣେ ସାମାଜିକ କର୍ମୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନାରାୟଣପାଟଣା ବ୍ଲକ ସଦର ମହକୁମ୍ବା ଅଞ୍ଚଳର ଅନଳ ମହାନନ୍ଦିଆ(୩୫)। ନାରାୟଣପାଟଣା ପୋଲିସ ସୂତ୍ରରୁ ଜଣାଯାଇଛି ଯେ ନାରାୟଣପାଟଣା ଦେଇ ଯାଇଥିବା ଝଞ୍ଜାବତୀ ନଦୀର ଶକ୍ତି ଖାଲରେ ଅନଳ ଗାଧୋଇବା ପାଇଁ ଯାଇଥିବା ବେଳେ ହଠାତ୍ ଗୋଡ ଖସିଯିବାରୁ ସେ ବୁଡ଼ି ଯାଇଥିଲେ। ଗ୍ରାମବାସୀ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ତାଙ୍କୁ ଦୀର୍ଘ ସମୟ ଧରି ଖୋଜା ଖୋଜି କରି ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରଥିଲେ। ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ କହିଛନ୍ତି।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର, ୨୬।୧୧ (ପବନ ପାଣିଗ୍ରାହୀ)

ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ୍ ରାମପାଲି ଗ୍ରାମର ବାସନ୍ତି ମାଝୀ ଜୟପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ୨୦୧୫ରେ ବାସନ୍ତି ସ୍ୱାମୀ ଭଗବାନ ମାଝୀଙ୍କୁ ବିବାହ କରିଥିଲେ। ବିବାହର ୨ ବର୍ଷ ପରେ ସ୍ୱାମୀ ଓ ଶ୍ୱଶୁର ମିଳିତ ଭାବେ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସୂଚନା ରହିଛି।

### କୁନ୍ତରଖାଲରେ ଅବକାରୀ ଚଢ଼ାଉ

ଜୟପୁର, ୨୬।୧୧ (ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ କୁନ୍ତରଖାଲରେ ଅବକାରୀ ଚଢାଉ ହୋଇଛି। ବ୍ୟବସାୟୀମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଅବକାରୀ ଥାନା ପକ୍ଷରୁ ଚଢାଉ କରାଯାଇଥିଲା। ମଦ ବ୍ୟବସାୟୀମାନେ ଚମ୍ପଟ ମାରିଥିବା ବେଳେ ବହୁ ମଦ ଭାଟି ଭଙ୍ଗାଯାଇଛି। ୮ ଶହ ଲିଟର ପୋଚ ଓ ୪୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଛି। ମଦରନ୍ଧା ସରଞ୍ଜାମ ଓ ଡ୍ରମ୍ ଆଦିକୁ ଜବତ କରିଥିବା ଜୟପୁର ଅବକାରୀ ବିଭାଗ ସୂଚନା ଦେଇଛି।

# ପଥର, ବାଲି, ମୋରମ ଖଣିରେ ଲାଗିବ ସିସି ଟିଭି

## ଚିଠି କଲେ ଜିଲା ଖଣି ଅଧିକାରୀ

ମାଲକାନଗିରି, ୨୬।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ବିଭିନ୍ନ ନଦୀ ନାଳରେ ଥିବା ବାଲି, ମୋରମ୍ ଓ ପଥର ଖଣିଗୁଡିକରୁ ବେଆଇନ ଭାବେ ଚୋରାଚାଲାଣ ହେଉଥିବା ଖଣିଜ ଏବଂ ନିୟମ ଉଲ୍ଲଘଂନ କରୁଥିବାରୁ ବହୁ ଟଙ୍କା ସରକାରଙ୍କ ରାଜସ୍ୱ ହାନି ହେଉଛି। ଏହାକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲା ଖଣି ଅଧିକାରୀ ଟେଣ୍ଡର ନେଇଥିବା ସମ୍ପୃକ୍ତ ଖଣି ମାଲିକଙ୍କ ଲାଗି ଏକ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଜିଲା ଖଣି ଅଧିକାରୀଙ୍କ ପତ୍ର ସଂଖ୍ୟା ୮୩୧/୨୫।୧୧।୨୪ରେ ସମସ୍ତ ଟେଣ୍ଡରଧାରୀଙ୍କୁ ତାଙ୍କ କ୍ୱାରିରେ ସିସି ଟିଭି ଲଗାଇବା ବାଧ୍ୟତାମୂଳକ ବୋଲି ଆଦେଶ ଦେଇଛନ୍ତି। ସିସିଟିଭିଗୁଡିକ ଉନ୍ନତମାନର ହେବାସହ ଦିବାରାତ୍ରି ସ୍ପଷ୍ଟ ଚିତ୍ର ଉତ୍ତୋଳନ କରି ପାରୁଥିବ, ପ୍ରତ୍ୟେକ କ୍ୱାରିର ପ୍ରବେଶ, ପ୍ରସ୍ଥାନ ଓ ଯନ୍ତ୍ରପାତି ଥିବା ସ୍ଥଳ, ଖଣି ଭିତରକୁ ଗାଡି ଯାତାୟାତ କରୁଥିବା ରାସ୍ତା ଆଦି ସ୍ଥାନରେ ଏହାକୁ ଲଗାଇବେ। ଏକ ମାସ ପର୍ଯ୍ୟନ୍ତ ଦିବାରାତ୍ରି ଏହାର ଫୁଟେଜ ରେକର୍ଡ ହୋଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବେ। ସିସିଟିଭିଗୁଡିକ ୩୦ ଦିନ ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ପଡିବ। କୌଣସି ଲିଜ୍‌ଧାରୀ ଏହାର ବ୍ୟତିକ୍ରମ କଲେ ସେମାନଙ୍କ ଉପରେ ଜରିମାନା ଧାର୍ଯ୍ୟ କରାଯିବ। ଏତଦ୍ ବ୍ୟତୀତ ଲିଜର ଅବଧି କାଳ ଶେଷ ହୋଇଥିଲେ ସେହି ଖଣିକୁ କୌଣସି ଯାନବାହନରେ ମାଲ୍ ପରିବହନ ହୋଇପାରିବ ନାହିଁ। ପରିବେଶ ମଞ୍ଜୁରି, ପଥର ଫଟାଇବା ପାଇଁ ଲାଇସେନ୍ସ, କର୍ମଚାରୀଙ୍କ ସୁରକ୍ଷା ଓ ଅଗ୍ନିଶମ ଯନ୍ତ୍ର ଇତ୍ୟାଦି ସବୁ ପଥରଖଣିରେ ରହିବ ବୋଲି ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି।

# ଜମିପଟ୍ଟା ନାଁରେ ରାଜସ୍ୱ ନିରୀକ୍ଷକଙ୍କ ଅର୍ଥ ହଡ଼ପ ଅଭିଯୋଗ



ରାଜସ୍ୱ ନିରୀକ୍ଷକଙ୍କ ନାଁରେ ଲୋକେ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ମାଥିଲି, ୨୬।୧୧ (ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ୍ ଅନ୍ତର୍ଗତ ସାଲିମି ପଞ୍ଚାୟତ ସଭାଗୃହରେ ସୋମବାର ପ୍ରଥମ ଥର ପାଇଁ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଉପସ୍ଥିତିରେ ଜନଶୁଣାଣି ଶିବିର କରାଯାଇଥିଲା। ଶିବିରରେ ଅନେକ ଶହ ଆଦିବାସୀ ଏକତ୍ରିତ ହୋଇ ଜମି ପଟ୍ଟା ନାଁରେ ରାଜସ୍ୱ ନିରୀକ୍ଷକ ଅର୍ଥ ଆଦାୟ କରୁଥିବା ଅଭିଯୋଗ କରିଥିଲେ। ଆଦିବାସୀ ନିଜର ଜଙ୍ଗଲ, ଜମି ଓ ପାଣି ପାଇଁ ବର୍ଷ ବର୍ଷ ଧରି ଲଢ଼େଇ କରି ଆସୁଛନ୍ତି। କିନ୍ତୁ କେତେଜଣ ଅସାଧୁ ଅଧିକାରୀ ଓ କର୍ମଚାରୀ ନିରୀହ ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ଜଙ୍ଗଲ ଜମି ହେଉ କିମ୍ବା ନିଜ ଜମିର ସହ ଘରବାଡ଼ି ପଟ୍ଟା କରାଇଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କା ଲାଞ୍ଚ ନେଇଛନ୍ତି ବୋଲି ଅଭିଯୋଗ କରିଥିଲେ। ରାଜସ୍ୱ ନିରୀକ୍ଷକ କାହ୍ନୁ ଚରଣ ସ୍ୱାଇଁ ଆଦିବାସୀ ଲୋକଙ୍କଠାରୁ ଜମି ପଟ୍ଟା କରାଇଦେବା ନାଁରେ ଜଣ ଜଣଙ୍କଠାରୁ ହଜାର ହଜାର ଟଙ୍କା ଲାଞ୍ଚ ନେଇଥିବା ଜିଲାପାଳଙ୍କ ନିକଟରେ ମହୁପଦର ଓ କମାରପାଲ୍ଲୀ ଦୁଇଟି ପଞ୍ଚାୟତର ଶହ ଶହ ଆଦିବାସୀ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସେମାନେ ଦାବି କରିଛନ୍ତି। ମାଲକାନଗିରି ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଅଭିଯୋଗ ଶୁଣି ଏହି ବିଷୟରେ ସେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏହି ଦୁଇ ପଞ୍ଚୟତ ଲୋକଙ୍କୁ ନ୍ୟାୟ ମିଳିବ ବୋଲି କହିଛନ୍ତି।

ଏ ସମ୍ପର୍କରେ ମାଥିଲି ତହସିଲଦାର ହରିଶ୍ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଯଦି ଘଟଣା ସତ୍ୟ ହୋଇଥାଏ ତା'ହେଲେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ସ୍ୱଚ୍ଛତାର ବାର୍ତ୍ତା ଦେଲେ ଅଧିକାରୀ, ଜନ ପ୍ରତିନିଧି

ମାଥିଲି, ୨୬।୧୧ (ସୁବାସ ଚନ୍ଦ୍ର ଖୁଡୁପିଆ)



ଅଧିକାରୀମାନେ ଆବର୍ଜନା ସଫା କରୁଛନ୍ତି।

ପରିବେଶ ପରିଷ୍କାର ରହିଲେ ଶରୀର ସୁସ୍ଥ ରହିବ। ଶରୀର ସୁସ୍ଥ ରହିଲେ ଲୋକେ ରୋଗମୁକ୍ତ ରହିବେ। ସେଥିପାଇଁ ଭାରତ ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନା ଆରମ୍ଭ କରିଥିଲେ। ଯେଉଁ ଯୋଜନା ମାଧ୍ୟମରେ ଲୋକେ ସଚେତନ ହେବା ସହ ପରିବେଶ କିପରି ପରିଷ୍କାର ପରିଚ୍ଛନ୍ନ ରହିବ।

ମାଲକାନଗିରି ଜିଲା ମାଥିଲି ବ୍ଲକ୍‌ରେ କୁଢ଼ କୁଢ଼ ଅଳିଆ ଗଦାହୋଇ ଦୁର୍ଗନ୍ଧ ହେଉଛି। ସାପ୍ତାହିକ ହାଟରୁ ସଦର ପଞ୍ଚାୟତ କର ନେଉଥିବା ବେଳେ ସଫା କରିବାକୁ ଭୁଲିଯାଉଛି। ସୋମବାର ସାଲିମିରେ ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ସରିବା ପରେ ଜିଲା ପ୍ରକଳ୍ପ ଅଧିକାରୀ ନରେଶ କୁମାର ଶବର, ବିଡିଓ ଡାକ୍ତର ହିମାଞ୍ଚଳ ମାଝୀ ଓ ବ୍ଲକ୍ ଅଧ୍ୟକ୍ଷ ମହେଶ କୁମାର ବାକା ଫେରିବା ସମୟରେ ହାଟର ଏପରି ଦୃଶ୍ୟ ଦେଖି ଅସନ୍ତୋଷ ବ୍ୟକ୍ତ କରିବା ସହ ୨ ଅଧିକାରୀ ନିଜେ ନିଜକୁ ଅଧିକାରୀ ନ ଭାବି ନିଜେ ସଫେଇ କରିବାକୁ ମନସ୍ଥ କରିଥିଲେ। ଏହାପରେ ମାଥିଲି ପଞ୍ଚାୟତ ସମିତି ସଭ୍ୟ ତଥା ଯୁବନେତା ବାଲାରାଜୁ କୋପେ ମଧ ପହଞ୍ଚିଥିଲେ। ସଙ୍ଗେ ସଙ୍ଗେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା ଓ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ସ୍ଥାନୀୟ ଯୁବକମାନେ ସଫେଇ କରିଥିଲେ। ବିଡିଓ ମାଝୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତି ସାପ୍ତାହିକ ହାଟ ପରଦିନ ସଫେଇକରି ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ମହାରଣାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାଥିଲି ଅଞ୍ଚଳରେ ସମସ୍ତ ଅଳିଆ ଆବର୍ଜନାକୁ ତୁରନ୍ତ ସଫା କରିବା ପାଇଁ ମଧ କହିଛନ୍ତି ବିଡିଓ ମାଝୀ।

ସୂଚନାଯୋଗ୍ୟ, ଆଉ ମାତ୍ର କେଇଟା ଦିନ ପରେ ମାଥିଲି ମିନି ଷ୍ଟାଡିୟମରେ ଲୋକ ମହୋତ୍ସବର ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କିନ୍ତୁ ଷ୍ଟାଡିୟମ ସମ୍ମୁଖରେ ଥିବା ଡ୍ରେନ୍‌ଗୁଡିକରେ ଅଳିଆ ଆବର୍ଜନା ଭର୍ତ୍ତିହୋଇ ରହିଛି। ସେହିପରି ମାର୍କେଟ ଏବଂ ସାହି ସାହିରେ ଆବର୍ଜନା ଜମା ହୋଇରହିଛି। ପଞ୍ଚାୟତ ତରଫରୁ ସଫେଇ ହେଉଛି ନା ଲୋକଙ୍କୁ ସଚେତନ କରିବା କଥା ତାହା କରାଯାଉଛି।

# ୧ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୬।୧୧ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ପୋଲିସ ନିକଟରେ ଜଣେ ୧ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଭୀମା ସୋଡି। ସେ ଚନ୍ତାଲନାର ଗ୍ରାମବାସୀ ହୋଇଥିବା ବେଳେ ସେ ଡିଏକେଏମ୍ଏସ୍ ସଭାପତି ଭାବେ କାର୍ଯ୍ୟ କରୁଥିଲେ। ତେବେ ବର୍ତ୍ତମାନ ପୋଲିସଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଥଇଥାନ ନୀତିରେ ପ୍ରଭାବିତ ହେବା ସହ ମାଓବାଦୀ ସଂଗଠନରେ ପୂର୍ବ ଆଦର୍ଶ ନ ଥିବାରୁ ସେ ଆତ୍ମସମର୍ପଣ କରିଥିବା କହିଛନ୍ତି।



ଏ ସମ୍ପର୍କରେ ସୁକ୍‌ମା ଅତିରିକ୍ତ ଏସ୍‌ପି ମନୀଷ୍ ରାତ୍ରେ କହିଛନ୍ତି, ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ।

# ୭୫ତମ ସମ୍ବିଧାନ ଦିବସ ପାଳିତ

ଚିତ୍ରକୋଣ୍ଡା, ୨୬।୧୧ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)



ବାହାରିଥିବା ମଶାଲ ଶୋଭାଯାତ୍ରା।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସଦର ବ୍ଲକରେ ୭୫ତମ ସମ୍ବିଧାନ ଦିବସ ପାଳିତ ହୋଇ ଯାଇଛି। ଚିତ୍ରକୋଣ୍ଡା ସଦର ବ୍ଲକର ପଞ୍ଜାବୀ ଛକରେ ଥିବା ବାବା ସାହେବ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଚିତ୍ରକୋଣ୍ଡାର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣକରି ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ଯୋଗ ଦେଇଥିବା ବେଳେ ଜିଲା ପରିଷଦ ସଭ୍ୟା ମିନତି ଖିଲ, ଥାନା ଅଧିକାରୀ ମୁକୁନ୍ଦ ମେଲକା, ସମ୍ବିଧାନ ସୁରକ୍ଷା ମଞ୍ଚ ସଭାପତି ରାଧାକାନ୍ତ ମଣ୍ଡଳ, ଉପସଭାପତି ବିଦେଶୀ ଗୌଡ, ଉପଦେଷ୍ଟା ଧନୁ ଖରା ଓ ସମ୍ପାଦକ ଉମି ଜୟପାଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥଲା।

# ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କୋରାପୁଟ, ୨୬।୧୧ (ଅମିତାଭ ବେହେରା)

କୋରାପୁଟ ଦାମନଯୋଡିସ୍ଥିତ ନାଲକୋ ଦ୍ୱାରା କରାଯାଇଥିବା ରେଡମଡ ପଣ୍ଡ ଯୋଗୁ ଗ୍ରାମବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଡେଙ୍ଗାଜାନୀଗୁଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଡେଙ୍ଗାଜାନୀଗୁଡା ଗ୍ରାମର ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ଗ୍ରାମବାସୀ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ଅନ୍ୟତ୍ର ସ୍ଥାନାନ୍ତରିତ କରିବା ସହ ରହିବା, ଖାଦ୍ୟ, ଶିକ୍ଷା ଓ ବିଦ୍ୟୁତକରଣ ବ୍ୟବସ୍ଥା, ଗ୍ରାମର ପ୍ରତ୍ୟେକ ଘରୁ ଜଣଙ୍କୁ ନାଲକୋ କମ୍ପାନୀରେ ଚାକିରୀ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ୧୫ ଦିନରେ ଦାବି ପୂରଣ ନ ହେଲେ ଗ୍ରାମବାସୀ ରାସ୍ତାରୋକ କରିବା ସହ କମ୍ପାନୀର ନିର୍ମାଣଧିନ କାର୍ଯ୍ୟକୁ ବନ୍ଦ କରିବେ ବୋଲି ବଳ ବିଷୋୟୀ କହିଛନ୍ତି।

# ନିଶାସକ୍ତ ୩ ଚାଳକ ଗିରଫ, ୩ ଗାଡି ଜବତ

କୋରାପୁଟ, ୨୬।୧୧ (ଅମିତାଭ ବେହେରା)

କୋରାପୁଟ ଟାଉନ ଥାନା ପୋଲିସ ୩ ନିଶାସକ୍ତ ଚାଳକଙ୍କୁ ଗିରଫ କରାଯାଇ ୨ କାର ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ଟାଉନ ପୋଲିସ ସ୍ଥାନୀୟ ଆଦିତ୍ୟ ନଗର ସାହି ଛକରେ ଚଢ଼ାଉ କରାଯାଇ ମଦ ପିଇ ଗାଡି ଚଳାଉଥିବା ୨ ଜଣ କାର ଚାଳକ ସହ ଗୋଟିଏ ବାଇକ ଚଲାକଙ୍କୁ ଗିରଫ କରି ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଧର୍ମେନ୍ଦ୍ର ପ୍ରସାଦ(୩୧), ଜଗତ ଜ୍ୟୋତି ମିଶ୍ର(୩୨) ଏବଂ ସିଫାନ ଖରା। କୋରାପୁଟ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଥାନା ସବ୍‌ଇନ୍‌ସ୍‌ପେକ୍ଟର ରାଜେଶ ପ୍ରିୟଦର୍ଶୀ ନାୟକ, ରଞ୍ଜିତ ମିଶ୍ର ଓ ଏଏସ୍‌ଆଇ ଶରତ ଚନ୍ଦ୍ର ବିଷୋୟୀ ପ୍ରମୁଖ ଚଢ଼ାଉ କରିଥିଲେ।

# ପୁଅଙ୍କୁ ଆକ୍ରମଣ ମାମଲା, ବାପା ଗିରଫ

ଜୟପୁର, ୨୬।୧୧ (ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ଧାରଣାହାଣ୍ଡିରେ ପୁଅଙ୍କୁ ଆକ୍ରମଣ କରିବା ମାମଲାରେ ବାପାଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ମାନସିଂ ଗଣ୍ଡ(୬୫)। ଧାରଣାହାଣ୍ଡିର ମାନସିଂ ଓ ପୁଅ ପର୍ଶୁରାମ ଗଣ୍ଡ ମଧ୍ୟରେ ନଭେମ୍ବର ୧୯ରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମାନସିଂ ଏକ ଟାଙ୍ଗିଆରେ ପର୍ଶୁରାମଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ବେକରେ ଆଘାତ ଲାଗିଥିଲା। ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯିବା ପରେ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏନେଇ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ମାନସିଂଙ୍କୁ କୋର୍ଟ ଚାଲାଣ କରିଥିବା ଜୟପୁର ସଦର ପୋଲିସ ସୂଚନା ଦେଇଛି।

# ଜାତୀୟ ଦୁଗ୍ଧ ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଦୁଗ୍ଧ ଉତ୍ପାଦକ ସଂଘର ସଦସ୍ୟ ଓ ଅନ୍ୟମାନେ।

ଜୟପୁର, ୨୬।୧୧ (ପବନ ପାଣିଗ୍ରାହୀ)

ଜୟପୁର ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସମବାୟ ସଂଘ ଆନୁକୂଲ୍ୟରେ ଜାତୀୟ ଦୁଗ୍ଧ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍ୱର୍ଗତ ଡ. ଭର୍ଗିସ୍ କୁରିଏନ୍‌ଙ୍କ ଜନ୍ମଦିନକୁ ସ୍ମରଣ ରଖିବା ପାଇଁ ନଭେମ୍ବର ୨୬ରେ ଉକ୍ତ ଦିବସ ପାଳନ କରାଯାଏ। କାର୍ଯ୍ୟକ୍ରମରେ ଦୁଗ୍ଧ ସଂଘ ସଭାପତି ଅନୁପ ପାତ୍ର, ଉପଖଣ୍ଡୀୟ ପଶୁ ଚିକିତ୍ସା ଅଧିକାରୀ ବିଶ୍ୱଜିତ୍ ରାୟ, ଦୁଗ୍ଧ ସଂଘ ସାଧାରଣ ପରିଚାଳକ କୁନି ରାଉତ ଓ କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପଶୁପାଳନ, ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ଓ ସରକାରଙ୍କ ଦ୍ୱାରା ଦିଆଯାଉଥିବା ପଶୁପାଳନ ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ପ୍ରକାଶ କୁମାର ମିଶ୍ର, ସୁଶାନ୍ତ ସାହୁ, ରମେଶ ସାହୁ, ଦୀପାଞ୍ଜଳି ଭୁକ୍ତା, ମମତା ମଞ୍ଜରୀ ସ୍ୱାଇଁ, ପ୍ରତାପ ମିଶ୍ର ଓ ସାଧୁରାମ ଗଣ୍ଡ ସହଯୋଗ କରିଥିଲେ। ଫମ୍ପୁଣୀ, କୁନ୍ଦୁରା, ଓ ଜୟପୁର ଅଞ୍ଚଳର ଶତାଧିକ ଦୁଗ୍ଧ ଚାଷୀ ଯୋଗ ଦେଇଥିଲେ।

# ଦେଶୀ ମଦ ଚାଲାଣ, ଜଣେ ଗିରଫ

ଜୟପୁର, ୨୬।୧୧ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରାଯାଇ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଶିରିଗୁଡାର ସମାରି ପରଜା। ଅବକାରୀ ବିଭାଗ ରାସ୍ତାରେ ଚଢାଉ କରି ୯ ଲିଟର ଦେଶୀ ମଦ ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ନାଲ୍‌କୋ ମାଇନ୍ସରେ ଓଲଟିଲା ଟିପ୍ପର, ଚାଳକ ଆହତ

ଦାମନଯୋଡି, ୨୬।୧୧ (ମାନସ ରଞ୍ଜନ କର)



ସିବି-୨ ଅଞ୍ଚଳରେ ଓଲଟି ଥିବା ଟିପ୍ପର।

ଦାମନଯୋଡି ନାଲକୋ ମାଇନ୍ସର ସିବି-୨ ଅଞ୍ଚଳରେ ମଙ୍ଗଳବାର ଏକ ଟିପର ଓଲଟି ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ସେ ହେଲେ କିରାଖୋଲା ଗ୍ରାମର ସୁବୁ ସାଉନ୍ତା। ମେନ ରିସିଭିଂ ସବ୍‌ଷ୍ଟେସନ ଅଞ୍ଚଳରେ ବକ୍ସାଇଟ୍ ଡମ୍ପିଂ ସମୟରେ ଭାରସାମ୍ୟ ହରାଇ ଟିପର ଓଲଟି ଥିଲା। ଅନ୍‌ଲୋଡିଂ ସମୟରେ ଗୋଟିଏ ପାର୍ଶ୍ୱ ସ୍ଲାଣ୍ଟ ଯୋଗୁ ଟିପର ଓଲଟି ପଡିଥିବା ବେଳେ ଗାଡି ଡ୍ରାଇଭର ସୁରକ୍ଷିତ ଥିବା ମାଇନ୍ସର ସୁରକ୍ଷା ଅଧିକାରୀ ଅଶୋକ ପଣ୍ଡା କହିଛନ୍ତି।

# ଓଡ଼ିଶା ପ୍ରଶାସନର ହସ୍ତକ୍ଷେପ ପରେ ମୃତଦେହ ବ୍ୟବଚ୍ଛେଦ

## ଦୁର୍ଘଟଣାକୁ ନେଇ ମୃତକଙ୍କ ପରିବାର ହରଡ଼ଘଣାରେ

ପଟ୍ଟାଙ୍ଗି, ୨୬।୧୧ (ଶରତ ଧଳ)

କୋରାପୁଟ ଜିଲା କୋଟିଆ ପଞ୍ଚାୟତ ନେରିଡିବାଲସା ଗ୍ରାମକୁ ବ୍ଲକ ସଦର ମହକୁମାକୁ ସଂଯୋଗ କରୁଥିବା ବ୍ରିଟିଶ୍ ରାସ୍ତାର ଏକ ଘାଟିରେ ସୋମବାର ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇ ଶତାଧିକ ଶ୍ରମିକ ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସବିତା ଖିଲଙ୍କର ମତ୍ୟୁ ଘଟିଥିଲା। ଦୁର୍ଘଟଣା ସ୍ଥଳଟି ଓଡ଼ିଶାର କୋଟିଆ ପୋଲିସ ଅଧିନରେ ଥିଲେ ମଧ୍ୟ ଏହା ଆମର ନୁହେଁ, ପଟ୍ଟାଙ୍ଗି ପୋଲିସର ଅଧୀନରେ ଥିବା କହି ଦୋଷ ଛଡାଇ ଦେଇଥିଲା। ଫଳରେ ମୃତଦେହ ବ୍ୟବଚ୍ଛେଦ ନ ହୋଇ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପଡି ରହିଥିଲା। ମୃତକଙ୍କ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଚାପା ଉତ୍ତେଜନା ପାଇଥିଲା। ଓଡିଶା ବ୍ଲକ ପ୍ରଶାସନ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବିବାଦ ପୂର୍ବରୁ ବ୍ୟବଚ୍ଛେଦ ପାଇଁ ପଦକ୍ଷେପ ନେଇଥିଲା। ସେପଟେ ଦୁର୍ଘଟଣାସ୍ଥଳଟି ସୀମାନ୍ତ ବିବାଦୀୟ ଅଞ୍ଚଳର ହୋଇଥିବା ପଟ୍ଟାଙ୍ଗି ପୋଲିସ ଏହା ଆମର ନୁହେଁ, ଆନ୍ଧ୍ର ସାଲୁର ପୋଲିସ ଅଧିନରେ ଥିବା କହି ଦ୍ୱନ୍ଦ୍ୱରେ ପଡିଥିଲା। ଯାହାକି ଓଡିଶାର ପ୍ରଶାସନ କ୍ଷେତ୍ରରେ ଚାପ ପଡିବା ସହ ଚିନ୍ତା ବଢାଇଥିଲା। ଶେଷରେ ପଟ୍ଟାଙ୍ଗି ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, କୋଟିଆ ପିଇଓ କଣ୍ଡା ଗଲୋର ଓ ଦିବାକର ପୁରୋହିତ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କିପରି ମୃତଦେହ ବ୍ୟବଚ୍ଛେଦ ହୋଇପାରିବ ସେନେଇ କର୍ତ୍ତୃପକ୍ଷ ଏବଂ ପଟ୍ଟାଙ୍ଗି ପୋଲିସ ସହ ଆଲୋଚନାକରି ବ୍ୟବଚ୍ଛେଦ ବ୍ୟବସ୍ଥା କରିଥିଲେ। ପଟ୍ଟାଙ୍ଗିପୋଲିସ ମୃତ ଯୁବତୀଙ୍କ ବଡ଼ ଭାଇ ରାଜୁ ଖିଲଙ୍କଠାରୁ ଅଭିଯୋଗ ଗ୍ରହଣକରି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲ। ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ଜିଲା ପରିଷଦ ସଭ୍ୟ ଲଇଚନ ଖରା, ନୂଆଗାଁ ସରପଞ୍ଚ ସୁବାଷ ଖରା ଓ ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଟା ପ୍ରମୁଖ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପ୍ରଶାସନକୁ ସହଯୋଗ କରିଥିଲେ। ଡାକ୍ତର ଭାଗବତ ମୁର୍ମୁଙ୍କୁ ପଚାରିବାରୁ ପୋଲିସ ପକ୍ଷରୁ ମୃତଦେହ ଚାଲାଣ ରିପୋର୍ଟ ପହଞ୍ଚି ନ ଥିବାରୁ ବ୍ୟବଚ୍ଛେଦରେ ବିଳମ୍ବ ହେଉଥିବା କହିଥିଲେ।

# ୪୩୦ ବିହନ, ମଞ୍ଜି ସଂଗୃହୀତ

## ଔଷଧୀୟ ବିହନ ସଂରକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ସୁନାବେଡା/ସେମିଳିଗୁଡା, ୨୬।୧୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)



ଜିଲାପାଳ ଭି.କୀର୍ତ୍ତି ଭାସନ ବିହନ କେନ୍ଦ୍ର ବୁଲିଦେଖୁଛନ୍ତି।

ସେମିଳିଗୁଡା ବ୍ଲକ ଅଧିନ ଦଳେଇଗୁଡ଼ା ପଞ୍ଚାୟତ ତେନ୍ତୁଳିଗୁଡାରେ ବୈଦ୍ୟରାଜ ହରି ପାଙ୍ଗିଙ୍କ ଦ୍ୱାରା ନିର୍ମିତ କରାଯାଇଥିବା ଔଷଧୀୟ ବିହନ କେନ୍ଦ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନ ଏହାକୁ ଉଦ୍‌ଘାଟନ କରିଛନ୍ତି। ଜିଲାପାଳ ବିହନ କେନ୍ଦ୍ର ବୁଲିବା ସହ ସେଠାରେ ସଂରକ୍ଷିତ ପ୍ରାୟ ୪୩୦ ପ୍ରକାରର ଔଷଧୀୟ ବୃକ୍ଷର ମଞ୍ଜି ସମ୍ପର୍କରେ ପଚାରି ବୁଝିଥିଲେ। କେନ୍ଦ୍ରରେ ଜିଲା ଓ ରାଜ୍ୟ ବାହାରେ ଥିବା ବିଭିନ୍ନ ପାହାଡ, ଜଙ୍ଗଲରୁ ଔଷଧ ବୃକ୍ଷଗୁଡିକର ମଞ୍ଜି ସଂଗ୍ରହ କରି ରଖାଯାଇଛି। ଯାହା ଆୟୁର୍ବେଦ କ୍ଷେତ୍ରରେ ଯଥେଷ୍ଟ ଲାଭଦାୟକ ହେବ। ଜିଲାପାଳ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଦେଓମାଳିର ଔଷଧୀୟ ସମ୍ପଦକୁ ପରଖୁଥିବା ଆଦିବାସୀ ଗବେଷକ ହରି ପାଙ୍ଗି କୋରାପୁଟ ଅଞ୍ଚଳର ପାରମ୍ପରିକ ଔଷଧୀୟ ବୃକ୍ଷ ଓ ତାର ଜଳବାୟୁ ଉପରେ ପ୍ରଭାବ ଏବଂ ବିହନ ସଂରକ୍ଷଣ କରିବାର ପ୍ରକ୍ରିୟା ଆରମ୍ଭ କରି ହଜାରର ଊର୍ଦ୍ଧ୍ୱ ଔଷଧୀୟ ବିହନ ସଂରକ୍ଷଣ କରିବାର ଲକ୍ଷ୍ୟ ରଖିଛନ୍ତି। ଜଙ୍ଗଲ ଓ ପାହାଡକୁ ନଷ୍ଟ ନ କରି ସେଗୁଡିକର ସଂରକ୍ଷଣ କରିବା ଉଚିତ୍। ଯାହାଦ୍ୱାରା ଔଷଧ ବୃକ୍ଷଗୁଡିକର ମଧ୍ୟ ସଂରକ୍ଷଣ ହୋଇପାରିବ ବୋଲି ଗବେଷକ ପାଙ୍ଗି ସରକାରଙ୍କୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ କୋରାପୁଟ ଡିଏଫଓ କେ. ଭି.ଭାସ୍କର ରାଓ, ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ସୁଦାମ ଚରଣ ବିଶ୍ୱାଳ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଡିନ୍ ପ୍ରଫେସର ଶରତ ପାଳିତା, ପ୍ରଫେସର ଦେବବ୍ରତ ପଣ୍ଡା ଓ ସେମିଳିଗୁଡା ବନାଞ୍ଚଳ ଅଧିକାରୀ ତ୍ରିପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମା' ଭଣ୍ଡାରଘରଣୀଙ୍କ ମନ୍ଦିରରୁ ବାହାରିଲା ମଣ୍ଡେଇ ମଶାଲ



ମଶାଲ ଶୋଭାଯାତ୍ରାରେ ବିଧାୟକ ଗୌରୀ ଶଙ୍କର ମାଝୀ, ପୌରାଧ୍ୟକ୍ଷ କୁନୁ ନାୟକ, ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର ଓ ଅନ୍ୟମାନେ।



ଶୋଭାଯାତ୍ରାରେ କଳାକାରମାନେ ଢେମସା ନୃତ୍ୟ ପରିବେଷଣ କରୁଛନ୍ତି।

**ନବରଙ୍ଗପୁର,୨୬।୧୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ପୌରପାଳିକାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ମଙ୍ଗଳବାର ଆରମ୍ଭ ହୋଇଯାଇଛି। ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାରଘରଣୀ ମନ୍ଦିରରେ ଅପରାହ୍ଣରେ ପୂଜାର୍ଚ୍ଚନା ପରେ ମଶାଲ ବାହାରିଥିଲା। ମଶାଲ ଶୋଭାଯାତ୍ରାରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପୌରାଧ୍ୟକ୍ଷ କୁନୁ ନାୟକ, ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର, ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ଶର୍ମିଷ୍ଠା ଦେଓ, ଜ୍ୟୋତି ପରିଚ୍ଛା, ସାନୁ ପ୍ରହରାଜ, ରାମଶଙ୍କର ଦାଶ, ପୌରସଂସ୍ଥା କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ଏସ୍ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ। ସାଂସ୍କୃତିକ ଶୋଭାଯାତ୍ରାରେ ମଶାଲଟି ପୁରୁଣା ମଣ୍ଡେଇ ପଡ଼ିଆରେ ପହଞ୍ଚିଥିଲା। ସେଠାରେ



ଲୁବୁନ୍‌ଟୁବୁନ୍ ଗ୍ରୁପ୍ ନୃତ୍ୟ ପରିବେଷଣ କରୁଛନ୍ତି।

ଆୟୋଜିତ କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ମାଝୀ ଯୋଗଦେଇ ମଣ୍ଡେଇ କଳା ସଂସ୍କୃତିର ଆଦାନ ପ୍ରଦାନ, ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣର ମଞ୍ଚ ବୋଲି କହିଥିଲେ। ମଣ୍ଡେଇ ଏବେ ଜିଲା, ରାଜ୍ୟ ଓ ଦେଶ ବିଦେଶରେ ପରିଚିତ। ମଣ୍ଡେଇ ଜିଲାସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେବେ ବୋଲି ବିଧାୟକ ସୂଚନା ଦେଇଥିଲେ। ଏମ୍‌ପିଙ୍କ ଆଗ୍ରହରେ ଚଳିତ

- ପୌରପାଳିକା ସ୍ତରୀୟ ମଣ୍ଡେଇ ଉଦ୍‌ଘାଟିତ
- ଶୋଭାଯାତ୍ରାରେ ଆଦିବାସୀ ପରମ୍ପରା ଛାପ

ବର୍ଷ ପୌରପରିଷଦସ୍ତରୀୟ ମଣ୍ଡେଇ ୨ ଦିନ ପାଳିତ ହେଉଛି ବୋଲି ପୌରାଧ୍ୟକ୍ଷ କୁନୁ ନାୟକ କହିଛନ୍ତି। ସଭାମଞ୍ଚରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଶୁଭଙ୍କର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ପୌରପରିଷଦ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଅପରାହ୍ଣ ୪ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦଳଗତ ନୃତ୍ୟ ପ୍ରତିଯୋଗିତା ଓ ପରେ ଓଡ଼ିଆ ଚଳଚ୍ଚିତ୍ର ଓ ଆଲବମ୍ ଜଗତର ଆଲବାମ ଲୁବୁନ୍ ଟୁବୁନ୍ ଓ ତାଙ୍କ ଗ୍ରୁପ୍ ନୃତ୍ୟ ପରିବେଷଣ କରିଥିଲେ।

# ଆଇନ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣକୁ ଗୁରୁତ୍ୱ

**ନବରଙ୍ଗପୁର,୨୬।୧୧(ସଦାଶିବ ପ୍ରହରାଜ)**

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶାନୁଯାୟୀ ମଙ୍ଗଳବାର ନବରଙ୍ଗପୁର ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ଜିଲାସ୍ତରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳ ପ୍ରକାଶ ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଅତିଥିଭାବେ ଉପସ୍ଥିତ ଥିଲେ।

ଶିଶୁ ସୁରକ୍ଷା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛି। ଶିଶୁଙ୍କୁ ପରିବାର ଦରକାର। ଆଇନ ଅନୁଯାୟୀ ପୋଷ୍ୟଭାବେ ଶିଶୁଙ୍କୁ ଗ୍ରହଣକଲେ ଉଭୟେ ସୁରକ୍ଷିତ ରହିବେ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ଏଥିସହ ଜିଲାରୁ ଦାଦନ ଶ୍ରମିକ ଭାବେ ଯାଇଥିବା ପରିବାରର ଶିଶୁମାନଙ୍କ ତାଲିକା ଅଙ୍ଗନୱାଡ଼ି ସ୍ତରରେ ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲାର ବିଭିନ୍ନ ବିଭାଗ ଉତ୍ତମ ସମ୍ପର୍କ ରଖି ସମସ୍ତ ଶିଶୁଙ୍କୁ ସୁରକ୍ଷାଦେବା ସହ ଜିଲାକୁ ବାଲ୍ୟବିବାହମୁକ୍ତ କରିବା ଜରୁରୀ ବୋଲି ଉପଜିଲାପାଳ ମିଶ୍ର କହିଥିଲେ। ଏଥିସହ ଆଇନ ଅନୁଯାୟୀ ପୋଷ୍ୟ ଗ୍ରହଣର ଶିଶୁଙ୍କ ସଂଖ୍ୟା ବୃଦ୍ଧି ପାଇଁ ସେ ସମାଜର ସବୁ ବର୍ଗର ଲୋକଙ୍କ ସହଯୋଗ କାମନା କରିଥିଲେ। ଜିଲାରେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଜରିଆରେ ୨୯ ଶିଶୁଙ୍କୁ ଆଇନ ଅନୁଯାୟୀ ପୋଷ୍ୟ ଗ୍ରହଣ କରାଯାଇଛି। ଜିଲାର ସବୁ ଗାଁରେ ଆଇନ ଅନୁଯାୟୀ ପୋଷ୍ୟ ଗ୍ରହଣ ଉପରେ ସଚେତନ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ମତ ଦେଇଥିଲେ। ଅବହେଳିତ ଶିଶୁମାନଙ୍କର ସମସ୍ୟା ଓ ସମାଧାନର ବିଭିନ୍ନ ଦିଗ ଉପରେ ଜିଲା ସମାଜ କଲ୍ୟାଣ ଅଧିକାରୀ କହଁର ଆଲୋକପାତ କରିଥିଲେ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ, ଜିଲା ଶ୍ରମାଧିକାରୀ ଛୋଟରାୟ ଗୁଡ୍ଡୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଅଜନ୍ତା ଶୁଭଦର୍ଶିନୀ, ଶିକ୍ଷାବିତ୍ ଅବନୀ ତ୍ରିପାଠୀ, ଆକ୍ସନଏଡ୍‌ର ଜିଲା ପରାମର୍ଶଦାତା ଫକିର ଚରଣ ରାଉତ, ଅଙ୍ଗନ ଟ୍ରଷ୍ଟ ସଂଯୋଜିକା ପ୍ରଭାସିନୀ ପଟ୍ଟନାୟକ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ପରିଚାଳକ ସାଗର ପଟ୍ଟନାୟକ, ସିଡିପିଓ ଏସ୍. ଗୀତା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ




ମିଳିତ କ୍ରିୟାନୁଷ୍ଠାନ ସଦସ୍ୟମାନେ ଦାବି ଜଣାଇବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

**ନବରଙ୍ଗପୁର, ୨୬।୧୧(ସଦାଶିବ ପ୍ରହରାଜ)**

## ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କୁ ଦାବି ଜଣାଇଲା ମିଳିତ କ୍ରିୟାନୁଷ୍ଠାନ କମିଟି

ରାଜ୍ୟସ୍ତରୀୟ ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ କରି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଚାମୁରିଆଗୁଡ଼ା ନିକଟରୁ ବାହାରିଥିଲା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ କମିଟି ସଦସ୍ୟମାନେ ଜିଲାପାଳଙ୍କୁ ଅପେକ୍ଷା କରିଥିଲେ। କିନ୍ତୁ ଜିଲାପାଳ ଆସି ନ ଥିବାରୁ ସେମାନେ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ। ଜିଲାପାଳ ଶୁଭଙ୍କର ମହାପାତ୍ର ଅପରାହ୍ଣ ୪ଟା ୩୦ରେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏହାପରେ କମିଟି ସଦସ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

ଅବିଭକ୍ତ କୋରାପୁଟ ଜିଲାରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ସରକାରୀ ଚାକିରିକୁ ରାଜ୍ୟ ଭିତ୍ତିକ ନ କରି ଜିଲାଭିତ୍ତିକ କରିବାକୁ କମିଟି ଦାବି କରିଛି। ଜିଲାର ଯୁବତୀ ଯୁବକ ଯୁକ୍ତ ଦୁଇ, ଯୁକ୍ତ ତିନି, ବିଏଡ୍, ଓଟିଇଟି ପାସ କରି ମଧ୍ୟ ତୃତୀୟ ଓ ଚତୁର୍ଥ ଶ୍ରେଣୀ ସରକାରୀ ଚାକିରି ପାଇ ପାରୁନାହାନ୍ତି। ଜିଲାରେ ଦିନକୁ ଦିନ ଶିକ୍ଷିତ ବେକାରୀ ସମସ୍ୟା ବଢ଼ୁଛି। ଅବିଭକ୍ତ କୋରାପୁଟ ଜଲାର ମୋଟ ୨୮୪୮ ପଦବୀ ମଧ୍ୟରୁ ମାତ୍ର ୨୫୦ ଜଣ ଜିଲାର। ନବରଙ୍ଗପୁରରେ ୮୬୦ କତନିଷ୍ଠ ଶିକ୍ଷକଙ୍କ ମଧ୍ୟରୁ ମାତ୍ର ୧୩୪ ଏହି ଜିଲାର। ଯାହାକି ଶିକ୍ଷିତ ଯୁବତୀ ଯୁବକଙ୍କ ପ୍ରତି ଅନ୍ୟାୟ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲାଭିତ୍ତିକ ନିଯୁକ୍ତି ଦାବି ନେଇ ସେପ୍ଟେମ୍ବର ୨୭ରୁ ଆନ୍ଦୋଳନ ଚାଲିଛି। ଅବିଭକ୍ତ କୋରାପୁଟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ସରକାର ଦାବିକୁ ଗୁରୁତ୍ୱ ଦେଉ ନ ଥିବା କମଯଇ ପକ୍ଷରୁ ଅଭିଯୋଗ କରାଯାଇଛି। ଜିଲା ଭିତ୍ତିକ ନିଯୁକ୍ତି ସହ ପେଶା ଆଇନ ଲାଗୁ, ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ଦେବାକୁ ଦାବି ହୋଇଛି। ୧୫ ଦିନ ଭିତରେ ଦାବି ପୂରଣ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି କମିଟି ଚେତାବନୀ ଦେଇଛି। ଶୋଭାଯାତ୍ରାରେ ମିଳିତ କ୍ରିୟାନୁଷ୍ଠାନ କମିଟି ଆବାହକ ଅର୍ଜ୍ଜୁନ ଭତରା, ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ମୁନ୍ନା ତ୍ରିପାଠୀ, ବୃନ୍ଦାବନ ତ୍ରିପାଠୀ, ଅରୁଣ ମିଶ୍ର, ଭଗବାନ ବୈରାଗୀ, ରତନ ମାଝୀ, ଜିତୁ ଯାନୀ, ସୁଧୀର ପାତ୍ର, ଦିବାକର ପୂଜାରୀ, ଅଖିଳ ଭତରା, ରାଜେଶ ଯାନୀ, ନୂଆଖାଉ ଭତରାଙ୍କ ସମେତ ବିଭିନ୍ନ ଛାତ୍ର ସଙ୍ଗଠନ ଓ ଶତାଧିକ ଲୋକ ସାମିଲ ହୋଇଥିଲେ।

# ହିଂସାମୁକ୍ତ ସମାଜ ଗଠନ ନେଇ ଆଲୋଚନା

**ଡାବୁଗାଁ, ୨୬।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲାର ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଜୟନ୍ତୀନଗର ଅଙ୍ଗନୱାଡ଼ି କେନ୍ଦ୍ରରେ ଜିଲା ସମାଜ କଲ୍ୟାଣ ବିଭାଗ ଏବଂ ୱାନ ଷ୍ଟପ ସେଣ୍ଟର୍ (ଶକ୍ତି ସମ୍ବଳ) ମିଳିତ ଭାବରେ ହିଂସାମୁକ୍ତ ସମାଜ ଗଠନ ଅଭିଯାନ କାର୍ଯ୍ୟକ୍ରମ କରୁଛି। ଦ୍ୱିତୀୟ ଦିନରେ ଲିଙ୍ଗ ସମ୍ବେଦନଶୀଳ ଉପରେ ଆଲୋଚନା କରାଯାଇଛି। ଲିଙ୍ଗଗତ ବୈଷ୍ୟମତାକୁ ଦୂର ସହ ମହିଳାଙ୍କ ଉପରେ ହେଉଥିବା ହିଂସା ରୋକିବା ସମ୍ପର୍କରେ ଆଲୋଚନା କରାଯାଇଛି। ସଖୀ କେନ୍ଦ୍ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସହ ପ୍ରତି ଗାଁରେ କିଭଳି ସଚେତନତା କରିପାରିବା ଏହା ଉପରେ ଗୁରୁତ୍ୱ ଦିଆଯାଇଛି। ସଖୀ ୱାନ୍ ଷ୍ଟପ ସେଣ୍ଟର କେଶ ୱାର୍କର ଜସ୍ମିନ ସିଂ ଅଙ୍ଗନୱାଡ଼ି, ଆଶା, ଏସ୍ଏଚ୍‌ଜିଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ କୁହାଯାଇଛି। ମଲ୍ଟି ପର୍‌ପୋଜ ୱାର୍କର ସ୍ୱର୍ଣ୍ଣଲତା ବାଘ ଉ ଧନ୍ୟବାଦ ଦେଇଥିଲେ।

# ତିଆରି ହେବ ପାର୍କକୁ ଯିବାକୁ ରାସ୍ତା

**ତେନ୍ତୁଲିଖୁଣ୍ଟି, ୨୬।୧୧(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ସଦର ମହକୁମାରେ ଲକ୍ଷାଧିକ ଟଙ୍କାରେ ମେଘମାଳ ଆମ୍ବତୋଟାରେ ନିର୍ମାଣାଧୀନ ନୂତନ ପାର୍କକୁ ଯିବା ପାଇଁ ରାସ୍ତା ନ ଥିବାରୁ ଜନଅସନ୍ତୋଷ ଲାଗିରହିଥିଲା। ସୋମବାର ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଇନ୍ଦ୍ରାବାତୀ ଅଞ୍ଚଳ ସମସ୍ୟା ବୁଝିବାକୁ ଯାଇଥିଲେ। ଏହି ସମୟରେ ସେ ପାର୍କ ଓ ଅମୃତ ସରୋବରକୁ ଯାଇଥିଲେ। ସେଠାକୁ ଯିବାକୁ ରାସ୍ତା ନ ଥିବାର ହୃଦୟଙ୍ଗମ କରିଥିଲେ। ଏହାର ସମସ୍ୟା ସମାଧାନ ପାଇଁ ବିଡିଓ ମନୋଜ ପାଣିଗ୍ରାହୀ, ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ଏକ ରାସ୍ତା ପୁରୁଣା ପ୍ରାଥମିକ ବିଦ୍ୟାଳୟ ଦେଇ ଯିବାକୁ ସ୍ଥିର ହୋଇଥିଲା। ତହସିଲଦାର ପଟ୍ଟନାୟକ, ପ୍ରଧାନଶିକ୍ଷକ ଉମରସିଂହ ନାୟକ ଓ ଏବିଇଓ ମୋହନ ମଧୁସୂଦନ ବାଗଙ୍କ ସହ ଆଲୋଚନା କରି କାର୍ଯ୍ୟ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଲୋଚନା ସମୟରେ ଧରଣୀଧର ସିଂ, ଲଛମନ ମାଝୀ, ଚନ୍ଦ୍ରଶେଖର ଜେନା, ହରେକୃଷ୍ଣ ମୁଦୁଲି, ଭିକି ପ୍ରମୁଖ ଉପସ୍ଥିତ ରହିଥିଲେ। ଶୀଘ୍ର ରାସ୍ତା ତିଆରି ହେବା ସହ ପାର୍କ କାମ ଶେଷ ହେବ ଓ ଜନସାଧାରଣଙ୍କ ପାଇଁ ଖୋଲାଯିବ ବୋଲି ବିଡିଓ କହିଛନ୍ତି।

# ଦେଶ ସେବାରେ ନିଜକୁ ସମର୍ପଣ କରିବାକୁ ଆହ୍ୱାନ




ଝରିଗାଁରେ ସମ୍ବିଧାନ ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା।



ଉମରକୋଟରେ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ଝରିଗାଁ/ ଉମରକୋଟ,୨୬।୧୧**
**(କିଶୋର ଚନ୍ଦ୍ର ମଣ୍ଡଳ/ ସନ୍ତୋଷ ଶତପଥୀ)**

ଝରିଗାଁସ୍ଥିତ ସରକାରୀ ସ୍ନାତକ ମହାବିଦ୍ୟାଳୟରେ ମଙ୍ଗଳବାର ୭୫ତମ ସମ୍ବିଧାନ ପ୍ରଣୟନ ଦିବସ ପାଳିତ ହୋଇଯାଇଛି। ମଙ୍ଗଳବାର ସକାଳେ ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରୁ ସ୍ଥାନୀୟ ଥାନା ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇଥିଲା। ବିଦ୍ୟାଳୟ ପ୍ରାଙ୍ଗଣରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଦ୍ରିୟ ଶବରଙ୍କ ଅଧ୍ୟକ୍ଷତାରେ ଏକ ସଭା କରାଯାଇଥିଲା। ଛାତ୍ରୀଛାତ୍ର ଦେଶ ସେବାରେ ନିଜକୁ ସମର୍ପିତ କରନ୍ତୁ ବୋଲି ଅତିଥିମାନେ କହିଥିଲେ। ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ପ୍ରଭାସ ଦାସ, ଇତିହାସ ଅଧ୍ୟାପକ ବିଷ୍ଣୁପ୍ରସାଦ ସାହୁ, ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଆଶିଷ ନାୟକ, ଶିକ୍ଷା ବିଭାଗ ଅଧ୍ୟାପିକା କୁମାରୀ ଡିଲେଶ୍ୱରୀ ଧବୀ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୋହିଣୀ ତପସ୍ୱିନୀ ହଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଉମରକୋଟ ପେଣ୍ଡରାଣୀ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ୱାଇଆର୍‌ସି ଏବଂ ଏନ୍ଏସ୍ଏସ୍ ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟର ଇଂରାଜୀ ବିଭାଗ ପ୍ରାଧ୍ୟାପକ ଦିବାକର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ. ପଙ୍କଜଲୋଚନ ମିଶ୍ର ମୁଖ୍ୟ ଅତିଥି, ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ରାମଶଙ୍କର ପଟ୍ଟନାୟକ, ଧର୍ମେନ୍ଦ୍ର ପଟ୍ଟନାୟକ, ସୁନୀଲ ପରିଚ୍ଛା ଏବଂ ଅଧ୍ୟାପିକା ଡ. ପ୍ରିୟଙ୍କା ନିଆଲ ସମ୍ବିଧାନର ଇତିହାସ ଏବଂ ଭୂମିକା ଉପରେ ଆଲୋଚନା କରିଥିଲେ। ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଗଣିତ ବିଭାଗର ଅଧ୍ୟାପକ ପ୍ରଦୋଷ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ଚିନ୍ମୟ ରାଉତ ଧନ୍ୟବାଦ ଦେଇଥିଲେ।

# ପାଣି ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ

**କୋରୁକୋଣ୍ଡା, ୨୬।୧୧(ଶିବଦତ୍ତ ସାହୁ)**

## କେନ୍ଦୁଗୁଡ଼ା ଗାଁରେ ଦୀର୍ଘ ମାସ ହେବ ସୋଲାର ପ୍ରକଳ୍ପ ଅଚଳ

ଦୀର୍ଘ ମାସ ହେବ ଅଚଳ ହୋଇପଡ଼ିଛି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ। ଫଳରେ ପିଇବା ପାଣି ମୁନ୍ଦାଏ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ କେନ୍ଦୁଗୁଡ଼ା ଗାଁରେ ଏହି ସମସ୍ୟା ହୋଇଛି। ବ୍ଲକ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭକରି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀଙ୍କ ନିକଟରେ ଏନେଇ ବାରମ୍ବାର ଅଭିଯୋଗ ହୋଇଛି। କିନ୍ତୁ କିଛି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



କେନ୍ଦୁଗୁଡ଼ା ଗାଁରେ ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରାୟ ୬/୭ବର୍ଷ ପୂର୍ବେ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇ ନଳକୂପ ଖୋଳାଯିବା ସହ ପାଇପ ବିଛା ଯାଇ ୫ ଟି ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ସ୍ଥାପନ ହୋଇଥିଲା। କିନ୍ତୁ ଏହି ପ୍ରକଳ୍ପଟି କାର୍ଯ୍ୟକାରୀ ହେବାର କିଛି ମାସ ପର୍ଯ୍ୟନ୍ତ ଠିକ୍ ଚାଲିଥିଲା। ବର୍ତ୍ତମାନ ଏହି ପ୍ରକଳ୍ପଟି ଦୀର୍ଘମାସ ହେବ ଭାବେ ଅଚଳ ହୋଇ ପଡି ରହିଛି। ସୌର ପ୍ରକଳ୍ପ ସହିତ ଗାଁରେ ମୋଟ ୫ ନଳକୂପ ରହିଛି। ସେଥିରୁ ୪ଟି ଅଚଳ ହୋଇ ପଡ଼ିଥିବା ଗ୍ରାମବାସୀ କହିଛନ୍ତି। ଏକ ମାତ୍ର ନଳକୂପର ପାଣି ପ୍ରାୟ ୬୦ପରିବାର ଲୋକଙ୍କ କାର୍ଯ୍ୟରେ ଆସୁଛି। ଏଭଳି ସ୍ଥିତିରେ ଗ୍ରାମବାସୀ ଟୋପାଏ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଗ୍ରାମବାସୀ ବହୁବାର ପଞ୍ଚାୟତ, ବ୍ଲକ କର୍ତ୍ତୃପକ୍ଷ, ଜନ ପ୍ରତିନିଧି ଏବଂ ଜଳ ଓ ପରିମଳ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହିବି କର୍ଣ୍ଣପାତ କରୁନଥିବା କେନ୍ଦୁଗୁଡ଼ାଗାଁର ମୁଖିଆ ଗୋବର୍ଦ୍ଧନ ଜାଲା,ବଳଭଦ୍ର ଅଣ୍ଡାଳ, ସୁନାଧର ଖେମୁଡୁ, ଚନ୍ଦ୍ର ଜାଲା, ଅର୍ଜୁନ ଜାଲା, ଶ୍ୟାମା ଜାଲା, ସବିତା ଜାଲା, ଗଙ୍ଗା ଖେମୁଡୁ, ଗୌରୀ ଅଣ୍ଡାଳ ଓ ଦଇନା ଜାଲାଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ କେହି ମୋତେ ଏ ବିଷୟରେ ଜଣାଇ ନାହାନ୍ତି। ମୁଁ କାଲି ଉକ୍ତ ଗ୍ରାମକୁ ଷ୍ଟାଫ ପଠାଇ ମରାମତି କରିବି ବୋଲି କହିଥିଲେ।

# ରକ୍ତହୀନତା ଦୂର ନେଇ କର୍ମଶାଳା

**ପଡିଆ, ୨୬।୧୧(ଭାସ୍କର ରାଓ )**

ମାଲକାନଗିରି ଜିଲା ପଡିଆ ବ୍ଲକ ଆଇଟିସି ମିଶନ ସୁନହରାକାଲ ସହଯୋଗରେ ଆଇଜିଡି ଏନଜିଓ ପକ୍ଷରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁଦୃଢ ସହ ଗ୍ରାମାଞ୍ଚଳରେ ରକ୍ତହୀନତା ଦୂରୀକରଣ ଲାଗି ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପଡିଆ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କରାଯାଇ ପଡିଆ ବ୍ଲକର ବିଭିନ୍ନ ଗ୍ରାମରେ ସ୍ୱାସ୍ଥ୍ୟ ଭିତ୍ତିକ ସଚେତନତା ସହ ରକ୍ତହୀନତା ଦୂରୀକରଣ ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଗ୍ରାମାଞ୍ଚଳରେ ରକ୍ତହୀନତାର ଶୀକାର ହେଉଥିବା ବ୍ୟକ୍ତିଙ୍କ ଖାଦ୍ୟପେୟ, ମହିଳାଙ୍କ କ୍ଷେତ୍ରରେ ଆଇଏଫଏ ଓ କ୍ୟାଲସିୟମ ଟାବଲେଟ ଗ୍ରହଣ, ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଶାଗ, ଡାଲି ଓ ମିଲେଟ ଜାତୀୟ ଖାଦ୍ୟ ଗ୍ରହଣ ନେଇ ସଚେତନତା ସୃଷ୍ଟି ନେଇ ଆଲୋଚନା ହୋଇଥିଲା। ଏଥିପାଇଁ ପ୍ରତ୍ୟକ ଗ୍ରାମରେ ରକ୍ତହୀନତାର ଶିକାର ହୋଇଥିବା ଲୋକଙ୍କୁ ଚିହ୍ନଟ କରିବା ସହ ନିୟମିତ ବ୍ୟବଧାନରେ ସେମାନଙ୍କ ସ୍ୱାସ୍ଥ୍ୟପ୍ରତି ଯତ୍ନଶୀଳତା ଓ ଖାଦ୍ୟଗ୍ରହଣ ପ୍ରତି ଦୃଷ୍ଟି ରଖିବା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି ସୁପରଭାଇଜର ଆର୍ ମେରୀ ଜନ ଲକ୍ଷ୍ମୀ, ପୋଷଣ ସୁପରଭାଇଜର ଚିନାମ ଆଲିଲିୟା, ସଙ୍ଗୀତ ବିଶ୍ୱାସ, ରାଜେଶ ସର୍ଦ୍ଦାରଙ୍କ ସମେତ ଆଇଜିଡି ଏନଜିଓର ଝିଲି ସିଲ, ଅଭୟ ମଣ୍ଡଳ, ଗୋବିନ୍ଦ ସର୍ଦ୍ଦାରଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

# ରାଷ୍ଟ୍ର ଏକତା, ଅଖଣ୍ଡତା, ସମ୍ବିଧାନର ସୁରକ୍ଷା ନେଇ ଶପଥ

**ସୁନାବେଡ଼ା/ସେମିଳିଗୁଡ଼ା/ଜୟପୁର/ ପଟ୍ଟାଙ୍ଗି/ଦାମନଯୋଡ଼ି,୨୬।୧୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ/ପବନ ପାଣିଗ୍ରାହୀ/ଶରତ ଧଳ/ମାନସ ରଞ୍ଜନ କର)**




ଶପଥ ଗ୍ରହଣ ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପକ ଓ ଛାତ୍ରୀଛାତ୍ର।

## ରାଷ୍ଟ୍ରୀୟ ସମ୍ବିଧାନ ଦିବସ ପାଳିତ

ସେମିଳିଗୁଡ଼ା ମହାବିଦ୍ୟାଳୟରେ ୭୫ତମ ସମ୍ବିଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ରମାରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସମସ୍ତ ଅଧ୍ୟାପକ,ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସମ୍ବିଧାନ ସୁରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ। ସମ୍ବିଧାନ ହେଉଛି ଗଣତନ୍ତ୍ରର ସୁରକ୍ଷା କବଚ ଏହାକୁ ଯଥେଷ୍ଟ ସମ୍ମାନ ଦେବା ସହ ସମସ୍ତ ସାମ୍ବିଧାନିକ ନିୟମକୁ ମାନିବାକୁ ଅଧ୍ୟକ୍ଷ ଡ.ପଟ୍ଟନାୟକ ପରାମର୍ଶ ଦେଇଥିଲେ। ରାଜନୀତି ବିଭାଗ ଅଧ୍ୟାପିକା ଡ. ଗୀତା ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ସାମ୍ବିଧାନିକ ଅଧିକାର ସମ୍ପର୍କରେ ଅବଗତ କରିଥିଲେ। ଅଧ୍ୟାପକ ସୁରେଶ କୁମାର ପାଇକରାୟ ଶପଥ ଗ୍ରହଣ ଉତ୍ସବ ଶେଷ କରିଥିଲେ। ସେହିପରି ଜୟପୁର ବ୍ଲକ୍ ବାରିଣିପୁଟ ଅମୃତ ସରୋବରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରାଷ୍ଟ୍ରୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ଜିପିଡିଓ ଭାଗିରଥି ନାୟକ ଓ ଏପିଓ ସନ୍ତୋଷି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଚେତନତା ବୈଠକ, ଶପଥ ପାଠ ଶୋଭାଯାତ୍ରା ଆଦି କରାଯାଇଥିଲା। ସେହିପରି ଜୟପୁର ଅରବିନ୍ଦ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଞ୍ଚିତ, ଶୋଷିତ ସମାଜିକ ସଂଗଠନ, ଅଖିଳ ଭାରତୀୟ ମହାଦଳିତ ସଂଘ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଛି। ଆମ୍ବେଦକ ଛକ ନିକଟରେ ଥିବା ଅମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଇଥିଲା। ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଆଚାର୍ଯ୍ୟ ଭାଗବତ ଷଡଙ୍ଗୀ, ବୃନ୍ଦାବନ ଖରା, ରାମ ନାୟକ, ମନୋସ୍ୱିନୀ ଟାକରି ପ୍ରମୁଖ ଉପସ୍ଥିତ ଥିଲେ। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ନୋଡାଲ ଅଫିସର କ୍ୟାପ୍‌ଟେନ ଲକ୍ଷ୍ମଣ ପାତ୍ର ଓ ରାଜନୀତି ବିଜ୍ଞାନର ପଲ୍ଲଭି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଜମ୍ମେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟ ପ୍ରତିଷ୍ଠାତା ରାମ ପ୍ରସାଦ ଚୌଧୁରୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟକ୍ଷ ସାହୁ ଅତିଥି, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ସମ୍ବିଧାନର ପ୍ରସ୍ତାବନା ପଢ଼ାଇବା ସହ ଏସ୍ପଷ୍ଟ ଭାବରେ ବିଶ୍ଳେଷଣ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ କୁଇଜ୍ ଏବଂ ସୃଜନ ଲିଖନରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମ୍ବିଧାନକୁ ସମ୍ମାନ ଦେବାକୁ ପ୍ରତିଷ୍ଠାତା ଚୌଧୁରୀ କହିଥିଲେ। ଦାମନଯୋଡିରେ ବିଭିନ୍ନ ସଂଗଠନ ପକ୍ଷରୁ ସାମ୍ବିଧାନ ଦିବସ ପାଳିତ ହୋଇଯାଇଛି। ନବନିର୍ମାଣ ଠିକା ଶ୍ରମିକ ସଂଘ, ନାଲକୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ପକ୍ଷରୁ ଟାଉନସିପସ୍ଥିତ କମ୍ୟୁନିଟୀ ସେଣ୍ଟର ପରିସର ଏବଂ ଆମ୍ବେଦକର ଷ୍ଟାଡ଼ିୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଠିକା ସଂଘ ସଭାପତି ସୁବାସ ଖରାଙ୍କ ତତ୍ତ୍ୱାବଧାନରେ ନାଲକୋର ସମୂହ ମହାପ୍ରବନ୍ଧକ ସରୋଜ କୁମାର ନାଥ,ଏଜିଏମ୍ ମନୋରଞ୍ଜନ ବେହେରା,ବରିଷ୍ଠ ପ୍ରବନ୍ଧକ ହରେନ୍ଦ୍ର କୁମାର ବେହେରା,ଡେପୁଟି ମ୍ୟାନେଜର ଶଙ୍କର ମାଝୀ, ଅନିରୁଦ୍ଧ ପଣ୍ଡା, କର୍ମଚାରୀ ସଂଘ ଉପଦେଷ୍ଟା କେ.ଚଣ୍ଡିପ୍ରସାଦ ରାଓ,ବରିଷ୍ଠ ଶିକ୍ଷକ ଡଃ. ଅଶୋକ ମହାନ୍ତି ଓ ଶ୍ରମିକ ସଂଘ ଉପଦେଷ୍ଟା ଚୈତନ୍ୟ ହନ୍ତାଳ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜର୍ଜ ୱିଲସନ ଡୁରୁକ,ରଞ୍ଜୁ ଜାନୀ,ଗୋପୀନାଥ ମୁଦୁଲି,କୁମୁଟି ନାୟକ, ନାରାୟଣ ଶତପଥୀ,କୁନା ଖରା,ଚଞ୍ଚଳା ଦାମୀ,ପଦ୍ମା ମୁନସୀ,ଗୋପୀନାଥ ଜେନା ଓ ସଙ୍ଗମ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ନାଲକୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଜାନିଙ୍କ ତତ୍ତ୍ୱାବଧାନରେ ନାଲକୋ ଇଡି ନିରଞ୍ଜନ ସାମଲ, କୋରାପୁଟ ବିଇଓ ଶ୍ରୀକାନ୍ତ ଜାନି ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସଂଘର ସାଧାରଣ ସମ୍ପାଦକ ଶତୃଘ୍ନ ଖୋରା,ଉପସଭାପତି ମୋତିରାମ ଖୋସ୍ଲା ଓ ରାଜେନ୍ଦ୍ର ଜାନି ଏବଂ ନୁନାଥ ମାରାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।

# ଗ୍ରହରିଷ୍ଟ ଖଣ୍ଡନ ନାଁରେ ମହିଳାଙ୍କୁ ଅଚେତ କରି ଅଳଙ୍କାର ଲୁଟ୍

ଡେରାବିଶ, ୨୬।୧୧ ( ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ମିଶନ ଶକ୍ତି ଏମ୍‌ବିକେ କାର୍ଯ୍ୟ କରୁଥିବା ହିମାଂଶୁ ପାତ୍ରଙ୍କ ସ୍ତ୍ରୀ ଦମୟନ୍ତୀ ରାଉତ ୧୮ ତାରିଖ ମଧ୍ୟାହ୍ନରେ କାର୍ଯ୍ୟାଳୟରୁ ଘରକୁ ଏକୁଟିଆ ଫେରୁଥିଲେ। ଜଣେ ବାବାଜି ତାଙ୍କୁ ଅଟକାଇ ତୋ ସ୍ୱାମୀ ଅଳ୍ପଦିନରେ ମୃତ୍ୟୁବରଣ କରିବ ବୋଲି କହି ଭୟଭୀତ କରାଇ ଗ୍ରହରିଷ୍ଟ ଖଣ୍ଡନ ପାଇଁ ପୂଜାର୍ଚ୍ଚନା ବାହାନା କରିଥିଲେ। ଏଥିସହ ଦମୟନ୍ତୀଙ୍କ ମୁଣ୍ଡରେ ସିନ୍ଦୂର ଲଗାଇ ଗ୍ରହରିଷ୍ଟ ଖଣ୍ଡନ ପାଇଁ କହି ଅଚେତ କରାଇ ଦେଇଥିଲେ। ଚେତା ଫେରିବା ପରେ ସେ ହାତରେ ପିନ୍ଧିଥିବା ସୁନା ମୁଦି ନ ଥିବା ସହ ବାବା ମଧ୍ୟ ସେଠାରୁ ପଳାଇ ଯାଇଥିଲେ। ଏ ସମ୍ପର୍କରେ ସେ ଯାଇ ଘରେ କହିବା ପରେ ଏହା ଅଞ୍ଚଳରେ ପ୍ରଚାରିତ ହୋଇଥିଲା। ମଙ୍ଗଳବାର ନିକଟସ୍ଥ ବଳଭଦ୍ରପୁର ଗାଁକୁ ଉକ୍ତ ଭଣ୍ଡ ବାବା ଆସି ମହିଳାମାନଙ୍କୁ ସମାନ କଥା କହି ଭୟଭୀତ କରାଇବା ସହ ଠାକୁରଙ୍କ ନାମରେ ସୁନା ଅଳଙ୍କାର ଦାନ କରିବାକୁ କହିଥିଲେ।



ତେବେ ପୂର୍ବରୁ ଦମୟନ୍ତୀଙ୍କ ସହ ଘଟିଥିବା ଘଟଣା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ବାବାଜିଙ୍କ ପୁନଃ ଆଗମନ ଉପସ୍ଥିତ ମହିଳାମାନଙ୍କ ମଧ୍ୟରେ ସନ୍ଦେହ ଜାତ କରିଥିଲା। କେତେଜଣ ଉକ୍ତ ବାବାଙ୍କ ଫଟୋ ଉଠାଇ ଦମୟନ୍ତୀଙ୍କ

**ଭଣ୍ଡବାବାଙ୍କୁ ଧରି ଗ୍ରାମବାସୀ ପୋଲିସ ଜିମା ଦେଲେ**

ପାଖକୁ ପଠାଇବାରୁ ସେ ସେହି ଭଣ୍ଡ ବାବାଙ୍କୁ ଚିହ୍ନି ଅଟକାଇବା ପାଇଁ କହିଥିଲେ। ତେବେ ଗ୍ରାମବାସୀ ବାବାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ ଦମୟନ୍ତୀଙ୍କ ପକ୍ଷରୁ ପୁଣି ମଙ୍ଗଳବାର ଥାନରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୬୨/୨୪ରେ ମାମଲା ରୁଜୁ କରିବା ସହ ଭଣ୍ଡବାବାଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ଭଣ୍ଡାବାବାଙ୍କ ଘର ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ବିକ୍ରମ ସ୍ୱାଇଁ(୫୫) ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏଥିସହ ଭଣ୍ଡବାବା ବ୍ୟବହାର କରୁଥିବା ବାଇକ୍(ନଂ. ଓଡ଼ି ୨୧କେ ୬୧୪୨)କୁ ପୋଲିସ ଜବତ କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ମହିଳାଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

# ୩ ଯୁବକଙ୍କ ସହ ବନ୍ଧାହେଲେ ଏଆର୍‌ଟିଓ, କନିଷ୍ଠ ଏମ୍‌ଭିଆଇ

ଗୋପାଳପୁର, ୨୬।୧୧
(ନବୀନ ରାଜ ଆଚାରୀ)



ଗିରଫ ଅଭିଯୁକ୍ତମାନେ ।

ଗଞ୍ଜାମ ଜିଲା ୧୬ ନଂ. ଜାତୀୟ ରାଜପଥରେ ଯାତାୟାତ କରୁଥିବା ଟ୍ରକ୍, ଟ୍ରେଲର ଓ ଅନ୍ୟ ଓଭରଲୋଡିଂ ଗାଡ଼ିକୁ ଅଟକାଇ ବେଆଇନ ଭାବେ ଟଙ୍କା ଆଦାୟ କରୁଥିବା ଏକ ର୍‍ୟାକେଟକୁ ପୋଲିସ ଠାବ କରି ସୋମବାର ଅଟକ ରଖିଥିଲା। ସେମାନଙ୍କ ମଧ୍ୟରେ ପରିବହନ ବିଭାଗର ଦୁଇ ଅଧିକାରୀ ଓ ତିନି ଜଣ ଯୁବକ ଥିଲେ। ସେମାନଙ୍କୁ ଗୋଳନ୍ଥରା ଥାନା ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଛତ୍ରପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏଆର୍‌ଟିଓ କେ. ଭେଙ୍କଟେଶ, କନିଷ୍ଠ ଏମ୍‌ଭିଆଇ ରତିକାନ୍ତ ନାହାକ, ଗିରିସୋଲା ଗ୍ରାମର ଭରତ ସାହୁ (୩୧), ରବୀନ୍ଦ୍ର ସାହୁ (୩୬) ଓ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲା ଅମିନ ସାହେବପେଟା ଗ୍ରାମର ବି. ବିଜୟ କୁମାର। ଖବରରୁ ଜଣାପଡ଼ିଛି, ଗଞ୍ଜାମ ଜିଲା ୧୬ ନଂ. ଜାତୀୟ ରାଜପଥ ଗୋଳନ୍ଥରା

**ଜାତୀୟ ରାଜପଥରୁ ବେଆଇନ ଟଙ୍କା ଆଦାୟ ଘଟଣା**

ଥାନା ଅଧୀନସ୍ଥ ଗିରିସୋଲା ନିକଟରେ ଟ୍ରକ୍, ଟ୍ରେଲର ଓ ଅନ୍ୟ ଓଭର ଲୋଡ଼ିଂ ଗାଡ଼ିଠାରୁ ଯୁବକମାନେ ବେଆଇନ ଭାବେ ଟଙ୍କା ଆଦାୟ କରି ଗାଡ଼ିଗୁଡ଼ିକୁ ପାସ୍ କରୁଥିବା ନେଇ ପୋଲିସ ସୂଚନା ପାଇଥିଲା। ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଗିରିସୋଲା ହନୁମାନ ମନ୍ଦିର ନିକଟରେ ଏକ ଟ୍ରକ୍‌କୁ ଅଟକାଇ ୪ ଜଣ ଯୁବକ ଟଙ୍କା ଆଦାୟ କରୁଥିବା ଦେଖିବାକୁ ପାଇଥିଲା। ପୋଲିସ ସେଠାରେ ଚଢ଼ାଉ କରି ୩ଜଣ ଯୁବକଙ୍କୁ ଧରିଥିବାବେଳେ ଅନ୍ୟ ଜଣେ ସେଠାରୁ ଫେରାର ହୋଇଯାଇଥିଲେ। ଭରତ, ରବୀନ୍ଦ୍ର ଓ ବିଜୟଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଥିଲା।

ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକମାନେ ପଚରାଉଚରା ବେଳେ କହିଛନ୍ତି ଯେ, ଛତ୍ରପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏଆର୍‌ଟିଓ କେ. ଭେଙ୍କଟେଶ, କନିଷ୍ଠ ଏମ୍‌ଭିଆଇ ରତିକାନ୍ତ ନାହାକ ଓ ତତ୍କାଳୀନ ଟ୍ରାଫିକ ଇନ୍ସପେକ୍ଟର(ଟିଆଇ) ଏନ.କେ. ଛିନିରା ଏକ ହ୍ୱାଟ୍‌ସଆପ୍ ଗ୍ରୁପ କରି ଆମକୁ ନିୟୋଜିତ କରିଥିଲେ। ଓଭରଲୋଡିଂ ଗାଡ଼ିଠାରୁ ୭ ଶହରୁ ୨ ହଜାର ପର୍ଯ୍ୟନ୍ତ ଟଙ୍କା ଆମେ ଆଦାୟ କରୁଥିଲୁ। ଯେଉଁ ଗାଡ଼ି ଟଙ୍କା ଦେଉଥିଲା ସେ ଗାଡ଼ିର ନମ୍ବରକୁ ଗ୍ରୁପରେ ପଠାଉଥିଲୁ। ଏହା ଦେଖି ପରିବହନ ଅଧିକାରୀ ସମ୍ପୃକ୍ତ ଗାଡ଼ିକୁ ଯାଞ୍ଚ କରୁ ନ ଥିଲେ। ଫୋନ ପେ ଓ ନଗଦ ଟଙ୍କା ଯୁବକମାନେ ଆଦାୟ କଲେ ଟଙ୍କାର ୭୫ ଶତକଡା ଅଧିକାରୀମାନେ ନେଉଥିଲେ ଓ କମିଶନ ଆକାରରେ ଆମେ ୨୫ ପ୍ରତିଶତ ରଖୁଥିବା ଯୁବକମାନେ କହିଥିଲେ।

## କଲେଜ ଅଧ୍ୟକ୍ଷଙ୍କୁ ବାନ୍ଧିଲା ଭିଜିଲାନ୍ସ

ନୟାଗଡ଼/ନୂଆଗାଁ, ୨୬।୧୧
(ଲୋକନାଥ ମିଶ୍ର/ ଧନେଶ୍ୱର ସାହୁ)

ବକେୟା ଟଙ୍କା ମଞ୍ଜୁର କରାଇବାକୁ ଲାଞ୍ଚ ନେଉଥିବା ବେଳେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ବାହାଡାଖୋଲା ଦଧିବାମନଜୀଉ ଯୁକ୍ତ ୩ ମହାବିଦ୍ୟାଳୟ ଅଧ୍ୟକ୍ଷ ନଳିନୀ ରଞ୍ଜନ ଭୂୟାଁ ଧରାପଡିଛନ୍ତି। ମଙ୍ଗଳବାର ମହାବିଦ୍ୟାଳୟର ଜଣେ କର୍ମଚାରୀଙ୍କଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ପକ୍ଷରୁ ଅଧ୍ୟକ୍ଷଙ୍କୁ ଗିରଫ କରାଯାଇଛି। ତାଙ୍କ ପାଖରୁ ୧ ଲକ୍ଷ ଲାଞ୍ଚ ଟଙ୍କା ଜବତ କରାଯାଇଛି। ମହାବିଦ୍ୟାଳୟର ଜଣେ କର୍ମଚାରୀଙ୍କ ୫ ଲକ୍ଷ ଟଙ୍କାର ବକେୟା ଟଙ୍କା ରିଲିଜ୍ କରାଇ ଦେବାକୁ ସେ ୧ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ସହକର୍ମୀ ଏନେଇ ଭୁବନେଶ୍ୱର ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲେ। ଭିଜିଲାନ୍ସ ଅଧ୍ୟକ୍ଷଙ୍କୁ ଗିରଫ କରିବାକୁ ପ୍ରକ୍ରିୟା ଆରମ୍ଭ କରି ବାହାଡାଖୋଲା ମାଣିକପାଟଣା ଗାଁର ଘର ଉପରେ ଚଢ଼ାଉ କରିଥିଲା। ପରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା(ନଂ.୨୫/୨୪) ରୁଜୁ କରାଯାଇ ୨ଟି ସ୍ଥାନ ଉପରେ ମିଳିତ ଭାବେ ଚଢ଼ାଉ ଜାରି ରହିଛି।

**୧ଲକ୍ଷ ଲାଞ୍ଚ ଟଙ୍କା ଜବତ**

# ସ୍ତ୍ରୀଙ୍କୁ କବ୍‌ଜାରେ ରଖି ୨ ଲକ୍ଷ ଦାବି କରୁଛନ୍ତି ବୈକୁଣ୍ଠଧାମ ଆଶ୍ରମ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୨୬।୧୧ (ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ ଘାଟିକିଆ ମୌଜାରେ ଥିବା ଶ୍ରୀ ବୈକୁଣ୍ଠଧାମ ଆଶ୍ରମ ବିରୋଧରେ ପୁଣି ଏକ ସଙ୍ଗିନ ଅଭିଯୋଗ ଆସିଛି। ଆଶ୍ରମ କର୍ତ୍ତୃପକ୍ଷ ତାଙ୍କ ସ୍ତ୍ରୀଙ୍କୁ କବ୍‌ଜା କରି ରଖିବା ସହ ୨ ଲକ୍ଷ ଟଙ୍କା ଦାବି କରିଥିବା ଜଣେ ବ୍ୟକ୍ତି ଶହୀଦନଗର ଥାନାରେ ଏତଲା ଦେଇଛନ୍ତି। ଏପରିକି ଆଶ୍ରମରେ ବହୁ ଅନୈତିକ କାର୍ଯ୍ୟ ହେଉଥିବା ବେଳେ ତାଙ୍କ ପାଖରେ ଏନେଇ ସବୁ ପ୍ରମାଣ ଥିବା ସେ ଦାବି କରିଛନ୍ତି। ଅଭିଯୋଗ ଆରିଥିବା ବ୍ୟକ୍ତିଜଣକ ହେଲେ କେନ୍ଦୁଝର ଅଞ୍ଚଳର ଜିତେନ ଗିରି (୩୮)। ପୋଲିସ ତାଙ୍କ ଏତଲା ଆଧାରରେ ଏକ ଷ୍ଟେଶନ ଡଏରୀ ପଞ୍ଜୀକୃତ କରି ତଦନ୍ତ କରୁଛି। ଏତଲା ଅନୁଯାୟୀ, ଜିତେନ୍‌ଙ୍କର ୨୦୧୪ରେ ବିବାହ ହୋଇଥିଲା। ସେ ତାଙ୍କ ସ୍ତ୍ରୀଙ୍କ ସହ ଭୁବନେଶ୍ୱରରେ ରହୁଥିଲେ। ତେବେ ପରବର୍ତ୍ତୀ ସମୟରେ ସ୍ତ୍ରୀ ଏମ୍‌ଫିଲ୍ ପାଇଁ ଆଚାର୍ଯ୍ୟ

**ସଙ୍ଗିନ ଅଭିଯୋଗ ଆଣିଲେ କେନ୍ଦୁଝର ଯୁବକ**

ବିହାରରେ ଓ ଜିତେନ ବ୍ୟବସାୟ ପାଇଁ ମୟୂରଭଞ୍ଜରେ ରହିଥିଲେ। କରୋନା ପରେ ତାଙ୍କ ସ୍ତ୍ରୀ ଶିବାନୀ ନାମ୍ନୀ ଯୁବତୀଙ୍କ ସଂସ୍ପର୍ଶରେ ଆସି ଉକ୍ତ ଆଶ୍ରମକୁ ଯାଇଥିଲେ। ଏହାପରଠାରୁ ତାଙ୍କ ସ୍ତ୍ରୀ ଘର ଛାଡ଼ି ଉକ୍ତ ଆଶ୍ରମରେ ରହିବାରୁ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏପରିକି ସ୍ତ୍ରୀଙ୍କୁ ଆଣିବାକୁ ଆଶ୍ରମ ଯାଇଥିଲେ ମଧ୍ୟ ସେ ଆସିବାକୁ ରାଜି ହୋଇ ନ ଥିଲେ। ସେହିପରି ଜିତେନ୍ ଆହୁରି ଅଭିଯୋଗ କରିଛନ୍ତି ଯେ, ଆଶ୍ରମର ବାବା କାଶୀନାଥଙ୍କ ପୁଅଙ୍କ ସହ ତାଙ୍କ ସ୍ତ୍ରୀ ଘୋଡା ଶିଖିବାକୁ ଯାଆନ୍ତି। ଏଥିସହ ବିଦେଶୀ ଲୋକଙ୍କ ସହ କଥାବାର୍ତ୍ତା କରନ୍ତି। ସେଠାକୁ ଆସୁଥିବା ଧନୀ ଲୋକଙ୍କୁ ତାଙ୍କ ସ୍ତ୍ରୀ ଟ୍ରାପ୍ କରି ଆଶ୍ରମକୁ ଆଣନ୍ତି। ତେବେ ଏନେଇ କାଶୀନାଥଙ୍କ ସହ ସେ କଥା ହୋଇଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ତେବେ ସ୍ତ୍ରୀଙ୍କୁ ଫେରାଇ ଆଣିବାକୁ ଆଶ୍ରମରେ ଥିବା କ୍ରିଷ୍ଣା ନାମକ ଜଣେ ଯୁବକଙ୍କ ସହ କଥା ହେବା ପରେ ସେ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ସେ ୫୦ ହଜାର ଟଙ୍କା ଦେଇଥିଲେ ମଧ୍ୟ ଆଶ୍ରମ କର୍ତ୍ତୃପକ୍ଷ ସ୍ତ୍ରୀଙ୍କୁ ଛାଡି ନ ଥିଲେ। ସେ ଗତ ୮ ମାସ ହେବ ତାଙ୍କୁ ଖୋଜୁଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ତେବେ ଆଶ୍ରମ ନାଁରେ ଖବର ପଢ଼ି ସେ ଥାନାକୁ ଆସିଥିବା ଏତଲାରେ କହିଛନ୍ତି। ଏପରିକି ଆଶ୍ରମରେ ଥିବା ଏକାଧିକ ବ୍ୟକ୍ତିଙ୍କ ନାଁରେ ସେ ଏଭଳି ଅଭିଯୋଗ କରିଛନ୍ତି। ତେବେ ସ୍ତ୍ରୀ ଆଶ୍ରମରେ ଥିବା କହିବାରୁ ପୋଲିସ ଟିମ୍ ଜତିନଙ୍କୁ ନେଇ ଆଶ୍ରମ ଯାଇଥିଲା। ହେଲେ ଆଶ୍ରମରେ ତାଙ୍କ ସ୍ତ୍ରୀ ନ ଥିବା ଜଣାପଡ଼ିଥିଲ। ଏନେଇ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ଦିଲୀପ କୁମାର କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ନେଇ ଆଶ୍ରମ କର୍ତ୍ତୃପକ୍ଷ କିମ୍ବା ପଣ୍ଡିତ କାଶୀନାଥଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ୨ ଖଣି କମ୍ପାନୀ କାର୍ଯ୍ୟାଳୟରେ ଆୟକର ଚଢ଼ାଉ

**ବଡ଼ବିଲ, ୨୬।୧୧ (ଦେବପ୍ରିୟ ରଣା):** କେନ୍ଦୁଝର ଜିଲା ବଡ଼ବିଲରେ ୨ ଖଣି ଲିଜ୍‌ଧାରୀ କମ୍ପାନୀ ଏମ୍.ଜି. ମହାନ୍ତି ଏବଂ ଏସ୍.ଏନ୍. ମହାନ୍ତିଙ୍କ କାର୍ଯ୍ୟାଳୟ ଉପରେ ଆୟକର ବିଭାଗ ଚଢ଼ାଉ କରିଛି। ଟିକସ ଫାଙ୍କି ଅଭିଯୋଗରେ ଏହି ଚଢ଼ାଉ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ସକାଳ ପ୍ରାୟ ୬ଟା ବେଳେ ଆୟକର ଟିମ୍ ବଡ଼ବିଲରେ ପହଞ୍ଚି ଏହି ଦୁଇଟି ଖଣି କମ୍ପାନୀ କାର୍ଯ୍ୟାଳୟରେ ଚଢ଼ାଉ ଆରମ୍ଭ କରିଥିଲା। ଆୟକର ବିଭାଗର ଦୁଇଟି ଟିମ୍ ବଡ଼ବିଲକୁ ଆସିଥିବାବେଳେ ଗୋଟିଏ ଟିମ ୱେବ୍ରିଜ୍ ରୋଡ୍‌ସ୍ଥିତ ଏସ୍.ଏନ୍. ମହାନ୍ତିଙ୍କ କାର୍ଯ୍ୟାଳୟରେ ଓ ଅନ୍ୟ ଟିମ୍ ପୋଷ୍ଟ ଅଫିସ ନିକଟସ୍ଥ ଏମ୍.ଜି. ମହାନ୍ତିଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରି ବିଭିନ୍ନ ନଥିପତ୍ର ଯାଞ୍ଚ କରିବା ସହିତ କମ୍ପ୍ୟୁଟର ହାର୍ଡଡିସ୍କକୁ ନିଜ ଅଧୀନକୁ ନେଇ ଯାଞ୍ଚ କାର୍ଯ୍ୟ ଜାରି ରଖିଥିବା ଜଣାପଡ଼ିଛି।


**DISTRICT PROJECT OFFICE, SAMAGRA SHIKSHA, PURI**
**(ODISHA SCHOOL EDUCATION PROGRAMME AUTHORITY (OSEPA))**
**(Department of School & Mass Education, Odisha)**

ସମଗ୍ର ଶିକ୍ଷା / समग्र शिक्षा / Samagra Shiksha

Letter No: 5868 E-mail: dpcpurissa.opepa@nic.in, fcpurissa.opepa@nic.in
File No: _________ Date: 25.11.2024

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of **"Holistic Progress Card for Class-I to VIII** Students in two bid systems (Technical & Commercial Bid) as detailed below as per specification given in the tender paper.

| Name of the Tender | Bid Processing fees | Amount of EMD | Last Date & time of receipt of Bid | Date & time of Opening of Technical Bid |
|---|---|---|---|---|
| Printing & Supply of Holistic Progress Card 2024-25 for Class-I to VIII Students | Rs.1,000/- | Rs.14,000/- | | |

The detailed BID document is available in the website i.e. **www.puri.nic.in** & **www.osepa.odisha.gov.in**. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence, potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID/cancel the entire selection process at any stage without assigning any reason thereof.

The sealed tender papers will be received al the District Project Office, Samagra Shiksha, Puri on any working day till 10.12.2024 up to 1 PM through speed post/ registered post only. The same will be opened on the same day i.e. 10.12.2024 at 3 PM in the office of the DEO-cum- DPC, Samagra Shiksha, Puri in presence of the bidders/ their authorized representatives & office functionaries. The office will not be held responsible for any kind of postal delay.

**Sd./- DEO-cum-District Project Coordinator, SS**


## ଆଇନଜୀବୀ, ସରପଞ୍ଚଙ୍କୁ ଠକିଥିବା ୨ ଜଣ ଭୁବନେଶ୍ୱରରୁ ଗିରଫ

ମାଲକାନଗିରି, ୨୬।୧୧ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲାରେ ଦୁଇଜଣ ଆଇନଜୀବୀ ଓ ଜଣେ ସରପଞ୍ଚଙ୍କୁ ଠକିଥିବା ୨ଜଣଙ୍କୁ ପୋଲିସ ମଙ୍ଗଳବାର ଭୁବନେଶ୍ୱରରୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ କାର୍ତ୍ତିକ ରାଉତରାୟ ଓ ଏକାନ ପାଣି । ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ସୂଚନା ଅନୁଯାୟୀ, ନୟାଗଡ ଜିଲା ସରୋଡା ଗ୍ରାମର କାର୍ତ୍ତିକ କଟକ ଜିଲା ସୁନାଦେଇ ମୁଣ୍ଡିଆରେ ରହୁଛନ୍ତି। ସେହିପରି ଖୋର୍ଦ୍ଧା ଜିଲା ଘଟିକିଆରେ ଏକାନ ରହୁଛନ୍ତି। ଏମାନେ ମାଲକାନଗିରିର ଆଇନଜୀବୀ ରାଜେଶ ପଟ୍ଟନାୟକଙ୍କୁ ହାଇକୋର୍ଟର ଓକିଲ ବୋଲି ପରିଚୟ ଦେଇ ଏକ ମାମଲା ସମ୍ବନ୍ଧରେ ତାଙ୍କଠାରୁ ଗତ ୨୨।୭।୨୩ରେ ୧୦ ହଜାର ଟଙ୍କା ନେଇଥିଲେ। ସେହିପରି ଅନ୍ୟଜଣେ ଆଇନଜୀବୀ ଗୋପାଲ ରାଓଙ୍କୁ ସେଣ୍ଟ୍ରାଲ ବ୍ୟାଙ୍କ ମ୍ୟାନେଜର ପରିଚୟ ଦେଇ ଏକ ବ୍ୟାଙ୍କ ମାମଲାରେ ତାଙ୍କଠାରୁ ୧୦ ହଜାର ଟଙ୍କା ମଧ୍ୟ ନେଇଥିଲେ। ସେହପରି ୨୩।୧।୨୪ ଦିନ ମାଲକାନଗିର ଚଲାଣଗୁଡା ସରପଞ୍ଚ ଅରକ୍ଷିତ ନାୟକଙ୍କଠାରୁ ନିଜକୁ ଏସ୍‌ଡିପିଓ ପରିଚୟ ଦେଇ ୧୮ ହଜାର ଟଙ୍କା ଠକି ନେଇଥିଲେ। ଏହି ୩ ଜଣ ଠକାମିରେ ପଡିଥିବା ଜାଣି ମାଲାକନଗିରି ଥାନାରେ ଅଭିଯୋଗ କରିଥିଲେ । ଏ ନେଇ ନଂ.୪୦୧/୨୩ରେ ମାମଲା ରୁଜୁ ହୋଇଥିଲା।

# ନାବାଳିକାଙ୍କୁ କାରଖାନାରେ ଅସଦାଚରଣ: ବନ୍ଧାହେଲେ ମାଲିକ

ବ୍ରହ୍ମପୁର, ୨୬।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ନାବାଳିକାଙ୍କୁ ନିଜ ଫାକ୍ଟ୍ରି ଭିତରେ ମାଲିକ କିଛିଦିନ ହେଲା ଅସଦାଚାରଣ କରିଆସୁଥିବା ନେଇ ପୀଡ଼ିତା ଟାଉନ ଥାନାରେ ଅଭିଯୋଗ କରିଥିଲେ। କାରଖାନା ମାଲିକ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜ୍ୟୋତିନଗର ୬ଷ୍ଠ ଲାଇନରେ ରହୁଥିବା କେ.ବଦ୍ରିନାରାୟଣ ପାତ୍ର(୩୬)ଙ୍କୁ ପୋଲିସ ବାନ୍ଧିଛି। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ମାମଲା ନଂ. ୩୫୩/୨୪ରେ ବଦ୍ରିଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଏହାପରେ ତାଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇ ଉତ୍କଳ ବାଳାଶ୍ରମରେ ରଖାଯାଇଛି।

ଟାଉନ ଥାନା ଅଞ୍ଚଳରେ ବଦ୍ରିଙ୍କ ଏକ ମୋମୋ କାରଖାନା ରହିଛି। ସେଠାକୁ କିଛିଦିନ ତଳେ ୧୭ବର୍ଷୀୟା ନାବାଳିକା ଜଣକ କାମ କରିବାକୁ ଯାଇଥିଲେ। ମାଲିକ ବଦ୍ରି ସପ୍ତାହେ ହେଲା ବିଭିନ୍ନ ସମୟରେ ତାଙ୍କୁ ଅସଦାଚାରଣ କରୁଥିଲେ। ଘରର ଆର୍ଥିକ ସ୍ଥିତି ଖରାପ ଥିବାରୁ ସେ ସେଠାରେ କାମ କରୁଥିଲେ। ଗତ ୨୪ ତାରିଖରେ ନାବାଳିକାଙ୍କୁ କାରଖାନାରେ ଏକାକୀ ଦେଖି ବଦ୍ରି ତାଙ୍କୁ ଭିଡି ଧରିଥଲେ। ନାବାଳିକା ଏହାର ଦୃଢ଼ ପ୍ରତିବାଦ କରିବା ସହ କୌଶଳକ୍ରମେ ଖସି ଆସି ଥାନାରେ ଅଭିଯୋଗ କରିଥିଲେ।


**GOVERNMENT OF ODISHA** No.A-614
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**RUSHIKULYA BAHUDA BASIN, BERHAMPUR-760004**
**e-mail id: se_sicbam@yahoo.com**
**e-Procurement Notice No.ACE,RBB-07/2024-25**

1. Type of Work: Building Work, 2. Total No. of Works:- 01 (One) No. 3. Amount put to tender : Rs.136.06 Lakh, 4. Period of Completion: 11 (Eleven) Calendar Months, 5. Class of Contractor :- 'B' & 'A'.

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE,RBB (BNID)- 08/2024-25 | 136.06 | From 28.11.2024, 10.00 A.M. to 13.12.2024, 5.00 P.M. |

Date of Opening of the Technical Bid :- **16.12.2024 at 11.30 A.M.**
Further details can be seen from the Govt. website **www.tendersodisha.gov.in.**

OIPR-32411/11/0011/2425
**Sd./- Additional Chief Engineer**
**Rushikulya Bahuda Basin, Berhampur**


# ୧୨୦୦ ବୋତଲ କଫ୍ ସିରପ ଜବତ: ୩ ଗିରଫ

ବଲାଙ୍ଗୀର, ୨୬।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

କଟକରୁ ବଲାଙ୍ଗୀର ଚାଲାଣ ହେଉଥିବା ୧୨୦୦ ବୋତଲ କଫ୍ ସିରପକୁ ବଲାଙ୍ଗୀର ପୋଲିସ ମଙ୍ଗଳବାର ଜବତକରିବା ସହ ଏଥିରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ରାଜୀବ ନଗରର ବାବୁଲୁ ବେହେରା (୩୦), ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମିର୍ଦ୍ଧାପାଲିର ସ୍ୱାଧୀନ ଅଦାବରିଆ (୩୮) ଓ ମାଧିଆପାଲିର ଶଶିକାନ୍ତ ସୁନା (୨୦)। ଏକ ମ୍ୟାକ୍ସ ବୋଲେରୋ ପିକ୍‌ଅପ୍ ଗାଡି (ଓଡି୦୩ଏବି ୧୭୯୦)ରେ ପ୍ଲାଷ୍ଟିକ୍ ପରିବା ଡାଲାରେ କିଛି ପନିପରିବା ଭର୍ତ୍ତି କରି କଫ୍ ସିରପ୍ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହି ସୂଚନା ପାଇବା ପରେ ଏସ୍‌ପି ଋଷିକେଶ ଖିଲାରୀଙ୍କ ନିର୍ଦ୍ଦେଶରେ ଲକ୍ଷ୍ମୀପୋର

- **୧ ଲକ୍ଷ ୭୨ ହଜାର ଟଙ୍କା, ବୋଲେରୋ ମାକ୍ସ ପିକ୍ ଅପ୍ ଜବତ**
- **କଟକରୁ ବଲାଙ୍ଗୀରକୁ ଚାଲାଣ ହେଉଥିଲା କଫ୍ ସିରପ**

ଥାନା ସବ୍‌ଇନ୍ସପେକ୍ଟର ସୁଚିସ୍ମିତା ଜେନାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ପୂର୍ବାହ୍ନ ୧୧ଟା ୩୦ ରେ ବଲାଙ୍ଗୀର-ସୋନପୁର ବାଇପାସ୍ ଚେକ୍‌ଗେଟ୍‌ଠାରେ ଗାଡ଼ି ଯାଞ୍ଚ କରିଥିଲେ। ଏହି ସମୟରେ ଉକ୍ତ ପିକ୍‌ଅପ୍ ଗାଡିଟି ଆସିଥିଲା। ବାହାରୁ ଉକ୍ତ ଗାଡିରେ ପନିପରିବା ଲଦାହୋଇଥିବା ଦେଖାଯାଇଥିଲା। ପୋଲିସକୁ ଚକ୍‌ମା ଦେବାକୁ କଫ୍ ସିରପ୍ ବୋଝେଇ ଗାଡିରେ ପନିପରିବା ରଖାଯାଇଥିଲା। ପୋଲିସ ଉକ୍ତ ଗାଡିକୁ ଅଟକାଇବା ପରେ ଯାଞ୍ଚ କରିଥିଲେ। ସେଥିରୁ ୧୨୦୦ ବୋତଲ ୱିନ୍‌ସେରେକ୍ସ ବ୍ରାଣ୍ଡ କଫ୍ ସିରପ୍ ବାହାରିଥିଲା। ଏହାପରେ ସେହି ଗାଡିରେ ଥିବା ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ଠାରୁ ୧ ଲକ୍ଷ ୭୨ ହଜାର ୫ ଶହ ଟଙ୍କା, ୫ଟି ମୋବାଇଲ ଫୋନ୍ ଏବଂ ଉକ୍ତ ବୋଲେରୋକୁ ପୋଲିସ ଜବତ କରିଥିଲା। ସନ୍ଧ୍ୟାରେ ସ୍ଥାନୀୟ ଟାଉନ୍ ଥାନାରେ ଏସଡିପିଓ ପ୍ରଦୀପ କୁମାର ସାହୁ ଏକ ଖବରଦାତା ସମ୍ମିଳନୀକରି ଏହି ସୂଚନା ଦେଇଥିଲେ। ଗିରଫ ୩ ଅଭିଯୁକ୍ତଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ରାଜୀବନଗରର ବାବୁଲୁ ପୂର୍ବରୁ ମଧ୍ୟ ଅନେକ ଆପରାଧିକ ମାମଲାରେ ଛନ୍ଦିହୋଇଥିବା ସୂଚନା ଦେଇଥିଲେ। କଟକରୁ ସେ ବଲାଙ୍ଗୀରକୁ କଫ୍ ସିରପ୍ ଚାଲାଣ କରୁଥିଲେ ବୋଲି କହିଥିଲେ। ଜେରା ସମୟରେ ମୁଖ୍ୟ ଅଭିଯୁକ୍ତ ବାବୁଲ ବଲାଙ୍ଗୀରରେ କାହା ଜରିଆରେ କଫ୍ ସିରପ୍‌ର ଖୁଚୁରା ବିତରଣ କରୁଥିଲେ ଏବଂ କଟକର କାହାଠାରୁ କଫ୍ ସରିପ ଆଣୁଥିଲେ ସେନେଇ ସୂଚନା ଦେଇଛନ୍ତି। ଖୁବ୍ ଶୀଘ୍ର ସେମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ଓ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ସାହୁ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ୍ ଥାନା ଆଇଆଇସି ଅବନୀ ସାହୁ, ଇନ୍ସପେକ୍ଟର ଅନିତା ପ୍ରଧାନ, ଅନିତା ପଟନିଆ ଉପସ୍ଥିତ ଥିଲେ।





ଜବତ ବୋଲେରୋ ଓ କଫ୍ ସିରପ୍। ଗିରଫ ୩ ଅଭିଯୁକ୍ତ।


**OFFICE OF THE MUNICIPAL COUNCIL, RAYAGADA**
DIST.: RAYAGADA, PIN CODE - 765001, ODISHA
E-mail ID: raygadam.hud@nic.in

Letter No. 4641 **CORRIGENDUM** Date: 22.11.24

No. C-1091: With reference to this office Notice No. 4493 dated 08.11.2024 regarding tender of daily market fee collection lease for the period from 01.12.2024 to 30.11.2025 fixed the date for 22.11.2024 upto 12.00 Noon is hereby extended to 30.11.2024 upto 12.00 Noon and opening tender at 4.00 P.M. on the same day.
All other terms and conditions are remain unchanged.

OIPR-13150/11/0035/2425 Sd./- Executive Officer, Rayagada Municipality

**GOVERNMENT OF ODISHA** No.B-669
**OFFICE OF THE SUPERINTENDING ENGINEER**
**BARGARH (R&B) DIVISION, BARGARH**
E-mail:eepwdbgh@gmail.com, Phone/Fax:06646-234819
INVITATIONS FOR BIDS (I.F.B.)
e-Procurement Notice
REVISED IDENTIFICATION NO.IFB-SE_PWD_BGH No.16 OF 2024-25
No.6002, Dated 25.11.2024

1) The Superintending Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Single & Double Cover System in ONLINE MODE for the Civil Works as detailed in the Detailed Tender Call Notice (D.T.C.N.) from the eligible class of contractors.
2. No. of Road & Building Works:- 11 Nos.
3. Cost of Tender Paper:- Rs.6,000/- & Rs.10,000/-
4. Class of Contractor :- "C" & "B" Class Contractor
5. Date & Time of available in website & receipt of Bids:- 11.00 Hrs. of 27.11.2024 to 17.00 Hrs. of 04.12.2024.
6. Date of Opening of Technical Bid:- 05.12.2024 at 11.30 Hrs.
7. The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.
8) Any corrigendum/Addendum will be displayed in the website https://tendersodisha.gov.in only.

**Sd./- Superintending Engineer**
**Bargarh (R&B) Division**
OIPR-34039/11/0013/2425

See Career Appointment on every Wednesday & Saturday

**GOVERNMENT OF ODISHA** No. B-672
**e-Procurement Notice, Angul (R&B) Division**
**Bid Identification No. 19 of 2024-25**
**e-mail ID: angulrbdivision@yahoo.co.in**

1. Number of Works : 11 (Eleven) Number of Road Works
2. Approximate Estimated Cost : Varies from Rs.18.00 lakh to Rs.89.00 Lakh
3. Period of Completion : 02 (Two) Calendar Months
4. Date & Time of availability of bid document in the Portal : Dt.03.12.2024 at 10.00 A.M.
5. Last date/time for receipt of bid in the Portal : Dt.18.12.2024 upto 5.00 P.M.
6. Date of Opening Bid : Dt.19.12.2024 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in ONLINE bidding only.

Further details can be seen from the e-procurement portal **https://tendersodisha.gov.in.**

**Sd./- Superintending Engineer**
**Angul (R&B) Division**
OIPR-34074/11/0010/2425

**Government of Odisha** No. B-650
**"e" Procurement Notice**
**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**
**Bid Identification No. S.E. (R&B) KPT-10/2024-25**

1. Name of the Work : Building Works
2. Total No. of Works : 01 No.
3. Estimated Cost : Rs.69.13 lakhs
4. Period of Completion : 03 (Three) Months
5. Date & time of availability of bid document in the portal : From 28.11.2024 at 11.00 hours to 12.12.2024 upto 17.00 hours
6. Last date/time for receipt of bids in the portal : 12.12.2024 upto 17.00 hours
7. Date of Opening of Tender : 13.12.2024 at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division

Further details can be seen from the e-procurement portal **https://tendersorissa.gov.in.**

**Sd./- Superintending Engineer**
**Koraput (R&B) Division**
OIPR-34096/11/0007/2425

